THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ

ଅନ୍ୟମାନେ ତୁମର ସମ୍ମାନ କରନ୍ତୁ ବୋଲି ଯଦି ଚାହୁଁଛ, ତେବେ ତୁମେ ନିଜକୁ ସମ୍ମାନ ଦିଅ ।
– ବାଲ୍ତାସାର ଗ୍ରାସିଆନ୍




♦ବର୍ଷ–୨ ♦ସଂଖ୍ୟା–୩ ♦ବରଗଡ଼ ♦୨୫ ନଭେମ୍ବର–୧ ଡିସେମ୍ବର ୨୦୨୨ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 3♦BARGARH ♦ 25 NOV-1 DEC 2022 ♦RS.5/- ♦PAGE-8


ପଦ୍ମପୁରରେ ତ୍ରିମୁଖୀ ଲଢ଼େଇ: କିଏ ମାରିବ ବାଜି ପୃଷ୍ଠା–୩➔



ପ୍ରେମିକ ତାଲିକା ଲମ୍ବା ପୃଷ୍ଠା–୫➔



'ଦମନ' ଚଳଚ୍ଚିତ୍ର ଦେଖିଲେ ୫୦ ଅନ୍ତେବାସୀ ପୃଷ୍ଠା–୬➔




ହ୍ରଦ ନୁହେଁ ମୃତ୍ୟୁର ଠିକଣା ପୃଷ୍ଠା–୮➔



# ୧୬,୮୦୦ କୋଟିର ଅତିରିକ୍ତ ବଜେଟ୍

➤ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶକୁ ସର୍ବାଧିକ ଅର୍ଥ ବରାଦ

➤ ଖରିଫ ଫସଲହାନି ପାଇଁ କୃଷକଙ୍କୁ ୨୦୦ କୋଟି ଟଙ୍କାର ସହାୟତା

➤ ଅଙ୍ଗନବାଡ଼ିରେ ଗ୍ୟାସ, କର୍ମୀ ଓ ସହାୟକଙ୍କ ଭତ୍ତା ପାଇଁ ୬୦ କୋଟି



ଭୁବନେଶ୍ୱର: ବିଧାନସଭାରେ ୨୦୨୨ – ୨୩ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଉପସ୍ଥାପିତ କରାଯାଇଛି । ୧୬ ହଜାର ୮୦୦ କୋଟିର ଅତିରିକ୍ତ ବଜେଟ୍ ଉପସ୍ଥାପିତ କରାଯାଇଛି । ୨୦୨୨–୨୩ ଆର୍ଥିକ ବର୍ଷର ମୂଳ ବଜେଟ ୨ଲକ୍ଷ କୋଟି ଟଙ୍କା ଥିବାବେଳେ ଅତିରିକ୍ତ ବଜେଟରେ ଏହାର ପ୍ରାୟ ୮.୪% ବ୍ୟୟବରାଦ କରାଯାଇଛି । ଗୃହରେ ବଜେଟ୍ ଉପପସ୍ଥାପନା କରିଛନ୍ତି ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ । ଏହି ଅତିରିକ୍ତ ବଜେଟରେ କୃଷି, ଜଳସେଚନ, ପାନୀୟ ଜଳ, ଗ୍ରାମୀଣ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଚାଲୁଥିବା ତଥା ନୂତନ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକ ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଯୋଜନା ବାବଦକୁ ଆବଶ୍ୟକ ଅର୍ଥ ବରାଦ କରାଯାଇଥିବା ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଅତିରିକ୍ତ ବଜେଟ ସହ ରାଜ୍ୟରେ ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ରାଜ୍ୟ ଘରୋଇ ଉତ୍ପାଦର ୩ ପ୍ରତିଶତ ମଧ୍ୟରେ ଓ ରାଜ୍ୟର ଋଣ ବୋଝ ସର୍ବାଧିକ ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ବଜେଟରେ ଆକଳନ ହୋଇଛି ।

ବଜେଟ୍‌ରେ ପ୍ରଶାସନିକ ବ୍ୟୟ ବାବଦକୁ ୪,୯୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୯,୨୦୦ କୋଟି ଟଙ୍କା, ବିପର୍ଯ୍ୟୟ ପରିଚାଳନା ପାଇଁ ୨,୬୧୦ କୋଟି ଏବଂ ସ୍ଥାନୀୟ ନିକାୟ ସଂସ୍ଥାକୁ ପାଣ୍ଠି ହସ୍ତାନ୍ତର ବାବଦକୁ ୫୬ କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇଛି । କାର୍ଯ୍ୟକ୍ରମ ବ୍ୟୟବରାଦରେ ମୋଟ ୯୨୦୦ କୋଟି ଟଙ୍କା ମଧ୍ୟରୁ ୭୧୩୪ କୋଟି ଟଙ୍କାକୁ ଅତିରିକ୍ତ ରାଜସ୍ୱ ତଥା ବିଭିନ୍ନ ବିଭାଗର ଅର୍ଥ ସମର୍ପଣରୁ ଭରଣା କରାଯିବ ଏବଂ ବାକି ୨୦୬୬ କୋଟି ଟଙ୍କା ସହବନ୍ଧିତ ସମ୍ବଳ ସୂତ୍ରରୁ ମିଳିବ । ୯୨୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ବ୍ୟୟବରାଦ ମଧ୍ୟରୁ ରାଜ୍ୟସ୍ତରୀୟ ଯୋଜନା ବାବଦକୁ ୬,୧୬୭ କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦକୁ ୨,୮୯୧ କୋଟି ଏବଂ କେନ୍ଦ୍ରୀୟ ଯୋଜନା ପାଇଁ ୧୪୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରର ବିଭିନ୍ନ ଯୋଜନା ପାଇଁ ୮୬୭ କୋଟି ଟଙ୍କା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୫୨୩ କୋଟି, ଖାଦ୍ୟ ନିରାପତ୍ତା ପାଇଁ ୧୬୫ କୋଟି, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୧,୫୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିପରି ଗ୍ରାମୀଣ ସଂଯୋଗୀକରଣ ପାଇଁ ୫୫୨ କୋଟି, ଜଳସେଚନ ବିଭାଗ ପାଇଁ ୧,୫୫୩ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗକୁ ୧୭୨ କୋଟି, ଆଦିବାସୀ ଜନଜାତି କଲ୍ୟାଣ ନିମନ୍ତେ ୪୩୮ କୋଟି ଏବଂ ହକି ବିଶ୍ୱକପ୍ ଓ ରାଜ୍ୟସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୫୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଅତିରିକ୍ତ ପ୍ରଶାସନିକ ବ୍ୟୟ ବାବଦରେ ୪,୯୩୪ କୋଟି ଟଙ୍କାରେ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କର ଦରମା, ବିଚାର ବିଭାଗ ଅଧିକାରୀମାନଙ୍କ ପାଇଁ ସପ୍ତମ ବେତନ କମିଶନ ଏବଂ ବକେୟା ଓ ବଜେଟ ଷ୍ଟାବିଲାଇଜେଶନ ଫଣ୍ଡ ପାଇଁ ୩,୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିସହିତ ପଞ୍ଚାୟତିରାଜ ସଂସ୍ଥା ଦ୍ୱାରା ସ୍କୁଲ୍ ଓ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ୧୭୩ କୋଟି, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡକୁ ୧୨ କୋଟି, ଓପିଏସ୍‌ପି ଏବଂ ଷ୍ଟାଫ୍ ସିଲେକ୍ସନ କମିଶନକୁ ପରୀକ୍ଷା ପରିଚାଳନା ପାଇଁ ୧୯ କୋଟି, ଏସ୍ଟି ଏବଂ ଏସ୍ସି ହଷ୍ଟେଲ୍ ଅନ୍ତେବାସୀଙ୍କ ଚିକିତ୍ସା ପାଇଁ ୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛିଛ ସେହିପରି ଭେଷଜ ଚିକିତ୍ସା, ତାଲିମ ଏବଂ ଅନୁସନ୍ଧାନ ନିମନ୍ତେ ୫୨କୋଟି, ଓଡ଼ିଶା ଉଠାଜଳସେଚନ ନିଗମକୁ ଅନୁଦାନ ନିମନ୍ତେ ୩୪ କୋଟି ଏବଂ ଉଚ୍ଚଶିକ୍ଷା ଅଧୀନରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ୫୩ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆ କଲ୍ୟାଣ ପାଇଁ ମୋଟ ୪୩୮ କୋଟି ବ୍ୟୟବରାଦ କରାଯାଇଛି ।

ବଜେଟ୍‌ରେ ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ ପାଇଁ ୨,୦୮୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ମଧ୍ୟାହ୍ନଭୋଜନକୁ ରାଜ୍ୟ ସହାୟତା ➔ପୃଷ୍ଠା–୭

# ପଦ୍ମପୁର ଉପନିର୍ବାଚନ ପାଇଁ ବିଧାନସଭା ଖାଁ ଖାଁ

ଭୁବନେଶ୍ୱର: ଗୁରୁବାରଠାରୁ ଆରମ୍ଭ ହୋଇଛି ବିଧାନସଭାର ଶୀତକାଳୀନ ଅଧିବେଶନ । ହେଲେ ବିଧାନସଭା ପରିସର ଖାଁ ଖାଁ ଲାଗୁଛି । ଶାସକ ଦଳର ପ୍ରାୟ ୫୦ ପ୍ରତିଶତ ବିଧାୟକ ଏବଂ ଅଧିକାଂଶ ମନ୍ତ୍ରୀଙ୍କର ଦେଖାନାହଁ । ପଦ୍ମପୁର ଉପନିର୍ବାଚନ ପାଇଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି । ଅଧିକାଂଶ ବିଧାୟକ ଓ ମନ୍ତ୍ରୀ ପଦ୍ମପୁର ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା କୁହାଯାଉଛି । ସଂସଦୀୟ ବ୍ୟାପାର ତଥା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ । ସେହିଭଳି ପଶ୍ଚିମ ଓଡ଼ିଶାର ଅଧିଂକାଶ ମନ୍ତ୍ରୀ ଓ ବିଧାୟକ ଆଜି ଅନୁପସ୍ଥିତ ଥିଲେ । ମନ୍ତ୍ରୀ ନବ ଦାସ, ରୋହିତ ପୂଜାରୀ, ରାଜେନ୍ଦ୍ର ଢୋଲକିଆ, ଟୁକୁନି ସାହୁ, ରୀତା ସାହୁ, ପ୍ରତାପ ଦେବ, ସମୀର ଦାଶ ପ୍ରମୁଖ ଗୃହକୁ ଆସିନଥିଲେ । ବିଧାୟକ ସୁଶାନ୍ତ ସିଂ, ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ, ଦିବ୍ୟଶଙ୍କର ମିଶ୍ର, ପ୍ରତାପ ଜେନା, ସୁଧୀର ସାମଲ ପ୍ରମୁଖ ମଧ୍ୟ ଅନୁପସ୍ଥିତ ଥିଲେ । ନିର୍ବାଚନ ହାରିଯିବା ଭୟରେ ପୂରା ଶାସକ ଦଳ ପଦ୍ମପୁରରେ ଡେରା ପକାଇଛନ୍ତି । ସେମାନେ ବିଧାନସଭାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ଧାମନଗର ହାରିବା ପରେ ପଦ୍ମପୁର ଉପନିର୍ବାଚନ ଏବେ ଶାସକ ପାଇଁ କର ବା ମର ସ୍ଥିତି ଆଣିଛି ।

ସେହିପରି ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ମୋଟ ୨୧ ମନ୍ତ୍ରୀଙ୍କ ମଧ୍ୟରୁ ବିଧାନସଭାରେ ଉପସ୍ଥିତ ଥିଲେ ମାତ୍ର ୭ ଜଣ । ୧୩ ଜଣ ମନ୍ତ୍ରୀ ପଦ୍ମପୁରରେ ଡେରା ପକାଇଛନ୍ତି । ଆଉ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ସୁରଟ ଗସ୍ତରେ ଅଛନ୍ତି । ➔ପୃଷ୍ଠା–୭

## ସମ୍ପାଦକୀୟ

ଖାଲି କ'ଣ ସୁପ୍ରିମକୋର୍ଟରେ ?

# ଶିଶୁଙ୍କୁ ମାରୁଛି ମିଳିମିଳା

## ମାସକ ଭିତରେ ଗଲାଣି ୧୩ ଜୀବନ

ମୁମ୍ବାଇ: ମହାରାଷ୍ଟ୍ର, ଗୁଜରାଟ, ବିହାର, ଝାଡ଼ଖଣ୍ଡ, ହରିୟାଣା ଓ କେରଳ ଆଦି ୬ଟି ରାଜ୍ୟରେ ମାତିଛି ମିଳିମିଳା। ତେବେ ମୁଣ୍ଡବିନ୍ଧାର କାରଣ ସାଜିଛି ମୁମ୍ବାଇ । ଛୋଟ ଛୁଆଙ୍କ ଜୀବନ ନେଉଛି ମିଳିମିଳା । ମାସକ ଭିତରେ ମୁମ୍ବାଇରେ ଗଲାଣି ୧୩ ଜୀବନ । ଗତକାଲି ଏକ ୮ ମାସର ଶିଶୁ ପ୍ରାଣ ହରାଇଥିବା ବେଳେ, ମଙ୍ଗଳବାର ବି ଏକ ବର୍ଷକର ଶିଶୁ ଆଖି ବୁଜିଥିଲା । ମୁମ୍ବାଇର ୭ଟି ସ୍ଥାନକୁ ମିଳିମିଳା ହଟ୍‌ସ୍ପଟ୍ କୁହାଯାଉଥିବା ବେଳେ, ଆକ୍ରାନ୍ତ ସଂଖ୍ୟା ୨୩୩କୁ ବଢ଼ିଛି । ଆଖପାଖ ମାଲେଗା, ଥାନେ, ନାସିକ ଆଦି ଅଞ୍ଚଳରେ ମଧ୍ୟ ବ୍ୟାପୁଛି ସଂକ୍ରମଣ । ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ସ୍ଥିତି ସମୀକ୍ଷା କରିଥିବା ବେଳେ, ହସ୍ପିଟାଲରେ ସ୍ୱତନ୍ତ୍ର ମିଳିମିଳା ୱାର୍ଡ ଖୋଲିଛି ମୁମ୍ବାଇ ମହାନଗର ନିଗମ । ଆଇସିୟୁ ଓ ଅକ୍ସିଜେନ୍ ସୁବିଧା ଯୁକ୍ତ ୩୭୦ଟି ବେଡ୍ ପ୍ରସ୍ତୁତ ରଖାଯାଇଛି । ୯ ମାସରୁ ୫ ବର୍ଷର ଶିଶୁଙ୍କୁ ତୁରନ୍ତ ମିଳିମିଳା ଟିକା ଦେବା ପାଇଁ ମୁମ୍ବାଇବାସୀଙ୍କୁ ଅପିଲ୍



କରିଛନ୍ତି ବିଏମ୍ସି କର୍ତ୍ତୃପକ୍ଷ । ତେଣେ ଝାଡ଼ଖଣ୍ଡର ରାଞ୍ଚି, ଗୁଜରାଟର ଅହମ୍ମଦାବାଦ ଓ କେରଳର ମାଲାପୁରମକୁ ବିଶେଷଜ୍ଞ ଟିମ୍ ପଠାଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ।

କରୋନା, ଇବୋଲା ଓ ଫ୍ଲୁ ଠାରୁ ମଧ୍ୟ ଦ୍ରୁତ ଗତିରେ ବ୍ୟାପିଥାଏ ମିଳିମିଳା ଭୂତାଣୁ । କାଶିଲେ କି ଛିଙ୍କିଲେ ନାକ ଓ ପାଟିରୁ ନିର୍ଗତ ଜଳକଣା ଦ୍ୱାରା ଏହା ବାୟୁରେ ବ୍ୟାପିଥାଏ । ପାଟିର ଲାଳ ଏବଂ ସ୍କିନ୍ ଟୁ ସ୍କିନ୍ ଟଚ୍ ବା ସ୍ପର୍ଶ ଦ୍ୱାରା ମଧ୍ୟ ବ୍ୟାପିପାରେ ମିଳିମିଳା । ହେଲେ କାଶ, ସର୍ଦ୍ଦି, ଆଖିଫୁଲା, ତଣ୍ଟି ଦରଜ ଏବଂ ଜ୍ୱର ସହିତ ଆଖି ଧରେ ଚର୍ମରେ ଘିମିରି ଭଳି ନାଲିନାଲି ଫଳିଯାଏ । ଟିକା ନେଇନଥିଲେ ନିମୋନିଆ ଭଳି ଜଟିଳ ସ୍ଥିତି ବି ଉପୁଜିପାରେ ଏବଂ ରୋଗ ଜୀବନ ବି ନେଇପାରେ ।

ତେବେ ଏଥିରୁ ବର୍ତ୍ତିବାକୁ ଶିଶୁଙ୍କୁ ୯ ମାସ ହେବା ପରେ ଏମ୍‌ଆର କିମ୍ବା ଏମ୍‌ଏମ୍‌ଆର ଭ୍ୟାକ୍ସିନ ଦିଆଯାଏ । ସାଧାରଣତଃ ୯ରୁ ୧୨ ମାସ ଭିତରେ ପ୍ରଥମ ଡୋଜ୍ ଏବଂ ୧୬ରୁ ୨୪ ମାସ ଭିତରେ ଦ୍ୱିତୀୟ ଡୋଜ୍ ଦିଆଯାଏ । ଟିକା ନେଇ ➔ପୃଷ୍ଠା–୭

# ଖାଲି କ'ଣ ସୁପ୍ରିମକୋର୍ଟରେ ?

ମାନ୍ୟବର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ ଦାୟିତ୍ୱ ଗ୍ରହଣ କରିବା ପରେ ସ୍ୱାଭାବିକ ଭାବେ ବିଭିନ୍ନ ଯାଗାରେ ସମ୍ବର୍ଦ୍ଧିତ ହେବା ଲାଗି ନିମନ୍ତ୍ରିତ ହେଲେ। ସେହି କ୍ରମରେ ସୁପ୍ରିମ୍‌କୋର୍ଟ ବାର ଅଶୋସିଏଶନକୁ ଯାଇଥିଲେ। ସେଠି ସେ ଅନେକ ଭଲ କଥା କହିଲେ। ଯେମିତି କି ଜିଲ୍ଲାସ୍ତରୀୟ ଅଦାଲତଗୁଡିକର ଅସୁବିଧା ଏବଂ ସେଥିଲାଗି କିଭଳି କାର୍ଯ୍ୟପନ୍ଥା ଗ୍ରହଣ କଲେ ପରିସ୍ଥିତି ସାମାନ୍ୟ ହାଲ୍‌କା ହୋଇପାରିବ। କେଉଁ ବେଞ୍ଚରେ କେଉଁ ମାମଲା ପଡିବ ତାହା ଯେପରି ସ୍ୱତଃ ନିର୍ଦ୍ଧାରିତ ହୋଇପାରିବ ସେଥିଲାଗି ପ୍ରଯୁକ୍ତି ଖୋଜା ଆରମ୍ଭ ହୋଇଗଲାଣି ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ ସୂଚନା ଦେଇଛନ୍ତି। ଏହା ଦ୍ୱାରା ପ୍ରଧାନବିଚାରପତି ମାଷ୍ଟର ଅଫ୍ ଦି ରୋଷ୍ଟର ହୋଇଥିବା ସତ୍ତ୍ୱେ କେଉଁ ମାମଲା କେଉଁ ବିଚାରପତି କରିବେ ସେଥିରେ ବ୍ୟକ୍ତିଗତ ରୁଚି ରଖିବାର ବିଶେଷ ସୁଯୋଗ ରହିବ ନାହିଁ। କର୍ପୋରେଟ୍ ହାଉସ ଓ ସରକାର ଲଢୁଥିବା ମାମଲାରେ ଅନେକ ସମୟରେ ହାଇକୋର୍ଟ ଓ ସୁପ୍ରିମକୋର୍ଟର କେତେକ ନିର୍ଦ୍ଦିଷ୍ଟ ବିଚାରପତିଙ୍କ ବେଞ୍ଚର ରାୟ ସେମାନଙ୍କ ସପକ୍ଷରେ ଯାଉଥିବାର ଇତିହାସ ରହିଛି। ପ୍ରତି ବ୍ୟକ୍ତିଙ୍କ ନିଜସ୍ୱ ଧାରଣା, ଚିନ୍ତାଧାରା ଓ ଆଭିମୁଖ୍ୟ ଥାଏ, ରହିବ ମଧ୍ୟ। ବିଚାରପତିମାନେ ବି ମଣିଷ। ସେମାନେ ଉଭୟ ପକ୍ଷରୁ ଶୁଣିବା ପରେ ରାୟ ଦିଅନ୍ତି ସତ, କିନ୍ତୁ ସେହି ରାୟରେ ସେମାନଙ୍କ ସ୍ୱକୀୟ ଚିନ୍ତାଧାରାର ଛିଟା ରହିଥାଏ। ତର୍କର ତର୍ଜମା ବେଳେ ବିଚାରପତି ନିଜସ୍ୱ ଅବଧାରଣାଠାରୁ ଦୂରେଇ ରହି ବସ୍ତୁନିଷ୍ଠ ହେଲେ, ରାୟ ସମାନୁପାତିକ ଭାବେ ନିଷ୍ପକ୍ଷ ହୋଇଥାଏ। କିନ୍ତୁ ଏହା କଦାଚିତ୍ ସମ୍ଭବପର ହୁଏ। ଏଣୁ କୌଣସି ବିଚାରପତି ମାନସିକ ସ୍ତରରେ ସରକାର ଚଳାଇବାର ଯେଉଁ କଷ୍ଟ ସେଥିପ୍ରତି ସମବେଦନା ଏବଂ କର୍ପୋରେଟ୍ ହାଉସ୍‌ଙ୍କ ପ୍ରତି ଶ୍ରଦ୍ଧା ରଖୁଥିଲେ, ତାହା ସେମାନଙ୍କ ରାୟରେ ପ୍ରତିଫଳିତ ଅସ୍ୱାଭାବିକ ନୁହେଁ। କିନ୍ତୁ ସେହି ଭଳି ବିଚାରପତିମାନଙ୍କ ନିକଟକୁ ଯଦି ସରକାର ବା କର୍ପୋରେଟ୍ ହାଉସ୍‌ଙ୍କ ବିରୋଧରେ ଦାଏର ସବୁ ମାମଲା ବିଚାର ଲାଗି ଯାଏ ତାହାହେଲେ ମାଷ୍ଟର ଅଫ୍ ଦି ରୋଷ୍ଟର ବ୍ୟବସ୍ଥାର ଉପଯୋଗିତା ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି ହୁଏ। ତେଣୁ ଜଷ୍ଟିସ୍ ଚନ୍ଦ୍ରଚୂଡ ଠିକଣା ଦିଗରେ ପଦକ୍ଷେପ ନେବାକୁ ଯାଉଛନ୍ତି।

ଏମିତିରେ ଦେଖିଲେ ଜଷ୍ଟିସ୍ ଧନଞ୍ଜୟ ଚନ୍ଦ୍ରଚୂଡ ହେଉଛନ୍ତି ପ୍ରଥମ ପ୍ରଧାନ ବିଚାରପତି ଯାହାଙ୍କ ପିତା ବି ପ୍ରଧାନ ବିଚାରପତି ଥିଲେ। ନ୍ୟାୟପାଳିକା ସମ୍ପର୍କରେ କିଶୋର ଅବସ୍ଥାରୁ ହିଁ ପରୋକ୍ଷ ଏବଂ ପେସାଗତ ଜୀବନରେ ପ୍ରଥମେ ଓକିଲ ଏବଂ ପରେ ନ୍ୟାୟାଧୀଶ ଭାବେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ ଜଣେ ପ୍ରଗତିଶୀଳ, ଗୁଣୀ ଓ ପ୍ରତିଭାବାନ୍ ବିଚାରପତି ବୋଲି ଅଧିକାଂଶ ସ୍ୱୀକାର କରନ୍ତି। ମାନବାଧିକାର ସୁରକ୍ଷା ପ୍ରତି ସେ ଅଧିକ ସମ୍ବେଦନଶୀଳ। ଏଣୁ ପ୍ରଧାନ ବିଚାରପତି ଭାବେ ତାଙ୍କ ଦୁଇ ବର୍ଷରୁ ଅଧିକ କାର୍ଯ୍ୟକାଳ ଭିତରେ ସେ ନ୍ୟାୟପାଳିକାରେ କିଛିଟା ଢାଞ୍ଚାଗତ ପରିବର୍ତ୍ତନ ଆଣିବେ ବୋଲି ଆଶା କରାଯାଉଛି। କିନ୍ତୁ ସେ ବି ପ୍ରିକନ୍‌ସିଭଡ୍ ନୋଶନ୍ସ ବା ପ୍ରାକ୍ ଅବଧାରିତ ଆଭିମୁଖ୍ୟରୁ ସମ୍ପୂର୍ଣ୍ଣ ମୁକ୍ତ ନୁହନ୍ତି ବୋଲି ସେହି ସୁପ୍ରିମକୋର୍ଟ ବାର ଆଶୋସିଏଶନର ଭାଷଣରୁ ହିଁ ଜଣାପଡିଯାଉଛି।

ଉଚ୍ଚ ନ୍ୟାୟପାଳିକାର ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ସୁପ୍ରିମ୍‌କୋର୍ଟ ନିଜ ଦ୍ୱାରା ସ୍ଥିରୀକୃତ କଲେଜିୟମ ବ୍ୟବସ୍ଥାକୁ ଯେଉଁଭଳି ଜାବୁଡି ଧରିଛନ୍ତି ତାହାକୁ ନେଇ ବିବାଦ ମଝି ମଝିରେ ମୁଣ୍ଡ ଟେକୁ ଥିବା ସମ୍ପର୍କରେ ନିଜ ମତ ରଖିବା ବେଳେ ଜଷ୍ଟିସ୍ ଚନ୍ଦ୍ରଚୂଡ ଏହିପରି ଏକ କଥା କହି ଦେଇଛନ୍ତି, ଯାହା କି ସାମଗ୍ରିକ ଭାବେ ସାଧାରଣ ଜ୍ଞାନ ରଖୁଥିବା ପ୍ରତିଟି ନାଗରିକ ଏବଂ ବିଶେଷ ଭାବେ ସୁପ୍ରିମକୋର୍ଟ ବାର୍ ବାଦ୍ ଅନ୍ୟ ସ୍ଥାନରେ ଓକିଲାତି ପେସାରେ ଥିବା ବ୍ୟକ୍ତିଙ୍କୁ ବିଚଳିତ କରିବାକୁ ସକ୍ଷମ। ସେ କହିଛନ୍ତି ଯେ ବିଚାରପତି ନିଯୁକ୍ତି ବେଳେ କଲେଜିୟମ ବର୍ତ୍ତମାନ ଯେଉଁ ପନ୍ଥା ଆପଣେଇଛନ୍ତି ତାହା ଦ୍ୱାରା ସବୁ ବେଳେ ଯେ ଉଚ୍ଚକୋଟୀର ଓ ଯୋଗ୍ୟ ନ୍ୟାୟାଧୀଶ ବାର୍‌ରୁ ବେଞ୍ଚକୁ ଆସୁଛନ୍ତି ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ବିଚାରପତିଙ୍କଠାରୁ ଅଧିକ ଆଇନ ଜ୍ଞାନ ରଖୁଥିବା ଓକିଲ ଅଛନ୍ତି। ସୁପ୍ରିମ୍‌କୋର୍ଟରେ ଅନେକ ପ୍ରତିଭାଶାଳୀ ଯୁବ ଓକିଲଙ୍କୁ ଜାଣନ୍ତି, ଯେଉଁମାନଙ୍କୁ ହୁଏତ ସେ ବିଚାରପତି ଭାବେ ଦେଖିବାକୁ ପସନ୍ଦ କରିବେ ବୋଲି ଜଷ୍ଟିସ୍ ଚନ୍ଦଚୁଡ କହିଛନ୍ତି।

ସୁପ୍ରିମକୋର୍ଟରେ ମେଧାବୀ ଓ ପ୍ରତିଭାଧର ଯୁବ ଓକିଲଙ୍କ ଉପସ୍ଥିତିକୁ ଅସ୍ୱୀକାର କରି ହେବ ନାହିଁ। ମାତ୍ର ସେମାନେ ହିଁ ଯେ ବିଚାରପତି ହେବାକୁ ଯୋଗ୍ୟ ତାହା ମନରେ ରଖି ଚାଲିବା ପ୍ରଧାନବିଚାରପତିଙ୍କ ବା କଲେଜିୟମର ଅନ୍ୟ ସଦସ୍ୟଙ୍କ କ୍ଷେତ୍ରରେ ସ୍ପୃହଣୀୟ ନୁହେଁ। ମହାଦେବଙ୍କ ଡମ୍ବୁରୁ ପରା ତାମ୍ବଡ ତାମ୍ବଡ ବା ତା'ଠୁ ବଡ ତା'ଠୁ ବଡ କହୁଛି। ଦେଶର ବିଭିନ୍ନ ହାଇକୋର୍ଟରେ ଏବଂ ଜିଲ୍ଲା ଅଦାଲତଗୁଡିକରେ କାର୍ଯ୍ୟ କରୁଥିବା ଓକିଲଙ୍କଠାରୁ ସୁପ୍ରିମ୍‌କୋର୍ଟର ଆଇନଜୀବୀଙ୍କ ଅଧିକ ଜ୍ଞାନ ଥିବା ଦାବି ଅମୂଳକ। ଦ୍ୱିତୀୟତଃ ବିଚାରପତି ହେବା ଲାଗି ଆଇନରେ ଜ୍ଞାନ ଅପେକ୍ଷା ନିଷ୍ପକ୍ଷ,ପ୍ରାକ୍–ଚିନ୍ତାଧାରାମୁକ୍ତ ଖୋଲା ମନ ଅଧିକ ଦରକାର। ଓକିଲ ତ ଥାଆନ୍ତି ଆଇନ ବୁଝାଇବା ସକାଶେ। ଉଭୟ ପକ୍ଷକୁ ଶୁଣି ନିରପେକ୍ଷ ରାୟ ଦେବାର ସକ୍ଷମତା ଲୋଡା। ଆକାଶଛତା ବିଚାରପତି କେତେ ଦୂର ଆଇନରେ ବିଶାରଦ ତାହା ଦାୟିତ୍ୱ ଗ୍ରହଣ କରିବାର କିଛି ଦିନ ମଧ୍ୟରେ ହିଁ ଓକିଲମାନଙ୍କୁ ଜଣାପଡିଯାଏ। ଓଡ଼ିଶା ହାଇକୋର୍ଟ ଏଭଳି ଜଣେ ବିଚାରପତିଙ୍କୁ ଦେଖିଛି। ତେଣୁ ବିଚାରପତି ନିଯୁକ୍ତି ବେଳେ କଲେଜିୟମ ସେମାନଙ୍କ ବ୍ୟକ୍ତିଗତ ପସନ୍ଦ ବା ଜଣାଶୁଣା ଆଇନ ବିଶାରଦ ଓକିଲଙ୍କୁ ଆଣି ପଦବୀରେ ବସାଇବା ପରିବର୍ତ୍ତେ ଆଇନରେ ସାଧାରଣ ଜ୍ଞାନ ଥାଉ ପଛେ ଏଭଳି ବ୍ୟକ୍ତିଙ୍କୁ ପ୍ରାଥମିକତା ଦେବା ଲୋଡା ଯିଏ କି ବ୍ୟକ୍ତିଗତ ଜୀବନରେ ସଚ୍ଚୋଟ, ସହୃଦୟ, ସମ୍ବେଦନଶୀଳ ଓ ମମତ୍ୱହୀନ ହୋଇଥିବେ। ଧରାଧରିରେ କଲେଜିୟମ ଦ୍ୱାରା ଚୟନୀକୃତ ବିଚାରପତି ଓକିଲ, ସରକାର କିମ୍ବା କର୍ପୋରେଟ୍ ହାଉସ୍ ଦ୍ୱାରା ଧରାଧରି ହେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।


**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**
ଇମେଲ୍– aadharodisha8@gmail.com
**ଯୋଗାଯୋଗ**–ପ୍ଲଟ୍ ନମ୍ବର–ପି–୪୨, ଲେନ୍–୧, ଫେଜ୍–୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା

# ସାମାଜିକ ଗଣମାଧ୍ୟମରେ ନୂତନ ଅଧ୍ୟାୟ

ଡକ୍ଟର ପ୍ରଦୀପ ମହାପାତ୍ର

ପ୍ରମୁଖ ସାମାଜିକ ଗଣମାଧ୍ୟମ ମଞ୍ଚ ଫେସବୁକ ଆୟୋଜକ ମେଟା ଓ ଟୁଇଟର ପକ୍ଷରୁ ବ୍ୟାବସାୟିକ ଆୟହାନୀ ଘୋଷଣା ଏବଂ ଖର୍ଚ୍ଚକାଟ ଉଦ୍ଦେଶ୍ୟରେ କର୍ମଚାରୀ ଛଟେଇ ୨୦୨୨ ନଭେମ୍ବର ପ୍ରଥମାର୍ଦ୍ଧରେ ବିରୋଧାଭାସ ସୃଷ୍ଟି କରିଥିଲା । ଫେସବୁକ ୨୦୦୪ ଏବଂ ଟୁଇଟର ୨୦୦୬ରେ ଜନ୍ମ ନେବା ପରଠୁ ଆନ୍ତର୍ଜାତିକସ୍ତରରେ ଗଣଯୋଗାଯୋଗ କ୍ଷେତ୍ରରେ ପ୍ରଭୁତ୍ୱ ବିସ୍ତାର କରିଚାଲିଥିବା ସ୍ଥଳେ ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ସମ୍ମୁଖୀନ ହୋଇଥିବା ଦୁର୍ଦ୍ଦଶା ଯେ କ୍ରମବିକଶିତ ଡ଼ିଜିଟାଲ ମଞ୍ଚରେ ମଧ୍ୟ ପ୍ରତିଫଳିତ ହେବ, ଏକଥା ସମୀକ୍ଷକମାନେ ସହଜରେ ଗ୍ରହଣ କରିପାରି ନଥିଲେ ।

ମୁଦ୍ରିତ ସମ୍ବାଦ ମଞ୍ଚ ବିଜ୍ଞାପନ ରାଜସ୍ୱ ଆୟକୁ ନିଜ ବ୍ୟବସାୟର ମୁଖ୍ୟ ସାଧନ ଭାବେ ଗ୍ରହଣ କରିଆସିଥିଲା । ପ୍ରଥମ ବିଶ୍ୱଯୁଦ୍ଧପରେ ରେଡ଼ିଓ, ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଟେଲିଭିଜନ ଏବଂ ବିଂଶ ଶତାବ୍ଦୀ ଶେଷ ଦଶକରେ ଡ଼ିଜିଟାଲ ମଞ୍ଚର ପ୍ରସାର ମଧ୍ୟ ଅନୁରୂପ ଧାରାରେ ଅଭ୍ୟସ୍ତ ହୋଇପଡ଼ିଥିଲେ । ଏକବିଂଶ ଶତାବ୍ଦୀ ଆରମ୍ଭରୁ ମୁଦ୍ରଣ, ରେଡ଼ିଓ ଓ ଟେଲିଭିଜନ ମଞ୍ଚଗୁଡ଼ିକରୁ ବିଜ୍ଞାପନ ରାଜସ୍ୱ କ୍ରମଶଃ ଡ଼ିଜିଟାଲ ମଞ୍ଚକୁ ସ୍ଥାନାନ୍ତରିତ ହୋଇଥିଲା । ସେଥିମଧ୍ୟରୁ ଫେସବୁକ୍ ସିଂହଭାଗ ଦାବୀ କରୁଥିଲା । କିନ୍ତୁ ମହାମାରୀ–ପର ପରିବର୍ତ୍ତିତ ପରିବେଶ 'ନ୍ୟୁ–ନରମାଲ' ବେଳକୁ ଫେସବୁକ ବିଜ୍ଞାପନ ଆୟ ହରାଇବା ଗଣମାଧ୍ୟମ ପରିବେଶରେ ନୂତନ ସମୀକରଣର ଆଭାସ ଦେଇଥିଲା ।



ସାମାଜିକ ଗଣମାଧ୍ୟମର ଦୁଇ ବୃହତ ମଞ୍ଚ ଫେସବୁକ୍ ଓ ଟୁଇଟରରେ ବିଜ୍ଞାପନ ରାଜସ୍ୱ ହ୍ରାସର କେତେଗୋଟି ମୁଖ୍ୟ କାରଣ ମଧ୍ୟରେ 'ନ୍ୟୁ–ନରମାଲ'ଜନିତ ଆର୍ଥିକ ମାନ୍ଦାବସ୍ଥା ପ୍ରଧାନ । ୨୦୨୨ ସୁଦ୍ଧା ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହେଉଥିବା ସ୍ଥଳେ ୨୦୨୩ରେ ୟୁରୋପ ଓ ବ୍ରିଟେନ୍‌ରେ ମାନ୍ଦାବସ୍ଥା ଘନେଇବା ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି । ଅର୍ଥାତ, ବିଶ୍ୱବ୍ୟାପୀ ବିଜ୍ଞାପନ ବ୍ୟୟ ହ୍ରାସ ସୁନିଶ୍ଚିତ । ଦ୍ୱିତୀୟତଃ, ଫେସବୁକ୍ ଓ ଟୁଇଟର ଭଳି ମଞ୍ଚରୁ ଶିଶୁ, କିଶୋର ଓ ଯୁବବର୍ଗ ଉପଭୋକ୍ତାଙ୍କ ସଂଖ୍ୟା ଅପସାରଣ ମହାମାରୀ–ପୂର୍ବାବସ୍ଥାରୁ ଲାଗି ରହିଥିଲା । ସେମାନେ ପାଠ୍ୟ–ପ୍ରଧାନ 'ଟେକ୍ସଟ–ବେସଡ଼' ମଞ୍ଚ ଗୁଡ଼ିକରୁ ଦୃଶ୍ୟ–ପ୍ରଧାନ 'ଭିଡ଼ିଓ–ବେସଡ଼' ମଞ୍ଚଗୁଡ଼ିକ ପ୍ରତି ଆକର୍ଷିତ ହେବାରେ ଲାଗିଥିଲେ । ଉଦାହରଣରେ ଯୁକ୍ତରାଷ୍ଟ୍ରରେ ଇନଷ୍ଟାଗ୍ରାମ ଓ ଟିକଟକର ଯୁବ ଉପଭୋକ୍ତାଙ୍କ ସଂଖ୍ୟା ଅଧିକ ।

ତୃତୀୟରେ ସାଧାରଣ ଉପଭୋକ୍ତାଙ୍କ ମଧ୍ୟରେ ସମ୍ବାଦ–ବିମୁଖ ମନୋଭାବ, ବିଶ୍ୱସନୀୟତା ହାନୀ, ପକ୍ଷପାତିତା, ସୂଚନା ପ୍ରାବଲ୍ୟ ଓ ସୂଚନା–ପ୍ରଦୂଷଣ ଭଳି ସମ୍ପାଦକୀୟ ସମସ୍ୟାମାନ ସାମାଜିକ ଗଣମାଧ୍ୟମର ଗୁଣାତ୍ମକ ଅବକ୍ଷୟର କାରଣ ପାଲଟିଛି । ଏକପକ୍ଷରେ ଅସୁସ୍ଥ ପରମ୍ପରା ଉପଭୋକ୍ତାଙ୍କୁ ନିର୍ଦ୍ଦିଷ୍ଟ ମଞ୍ଚରେ ଦୀର୍ଘକାଳ ଧରି ବାନ୍ଧି ରଖିବାରେ ଅସମର୍ଥ ହେବା ନିଶ୍ଚିତ ଥିବା ସ୍ଥଳେ ଉପଭୋକ୍ତାଙ୍କ ରୁଚି, ଆଚରଣ ଓ ସାମର୍ଥ୍ୟକୁ ଭିତ୍ତିକରି ଗଢ଼ିଉଠୁଥିବା ସାମାଜିକ ଗଣମାଧ୍ୟମର ଦ୍ୱିତୀୟ ପିଢ଼ିର ମଞ୍ଚଗୁଡ଼ିକ ଉପଭୋକ୍ତାଙ୍କୁ ଆକର୍ଷିତ କରିବାରେ ଲାଗିଛି ଛ ଫଳରେ ସାମାଜିକ ଗଣମାଧ୍ୟମରେ ଏକ ରକମ ରୂପାନ୍ତର ପ୍ରକ୍ରିୟା ୨୦୨୨ରେ ଚିହ୍ନଟ କରାଯାଇଛି ।

ଆଧୁନିକ ପ୍ରଯୁକ୍ତି କୌଶଳ ଉଦ୍ଭାବନ ଯୋଗାଯୋଗ କ୍ଷେତ୍ରରେ କାନ୍ତିକାରୀ ପରିବର୍ତ୍ତନ ସମ୍ଭବ କରିଛି । ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ସୁବିଧା ସୁଯୋଗ ବିଶ୍ୱବ୍ୟାପୀ ବୃହତ୍ତର ଜନସଂଖ୍ୟାଙ୍କ ହାତପାଆନ୍ତାରେ ଉପଲବ୍ଧ । ଯୋଗାଯୋଗ ବିପ୍ଳବରେ ଶିକ୍ଷିତ ଅଶିକ୍ଷିତ, ଧନୀ ଦରିଦ୍ର ସଭିଏଁ ସାମିଲ ହେବାର ସୁଯୋଗ ସୃଷ୍ଟି ହୋଇପାରିଛି । କୁହାଯାଉଛି ଯେ, ସୂଚନା, ତଥ୍ୟ ଓ ଅନୁଭୂତି ବିନିମୟରେ ଉପଭୋକ୍ତା ସର୍ବଦା ଅପେକ୍ଷାକୃତ କ୍ଷୀପ୍ର 'ଫାଷ୍ଟର' ଓ ସହଜ–ସରଳ 'ଇଜିୟର' ପଦ୍ଧତି ପ୍ରତି ଆଗ୍ରହ ପ୍ରକାଶ କରିଥାଏ । ଏହି କାରଣରୁ ସାମାଜିକ ଗଣମାଧ୍ୟମରେ 'ଭିଡ଼ିଓ' ସମ୍ବଳିତ ମଞ୍ଚର ଚାହିଦା ବଢ଼ିଛି ଏବଂ ଉପଭୋକ୍ତାମାନେ କ୍ରମଶଃ ସ୍ଥାନାନ୍ତରିତ ହେଉଛନ୍ତି । ଅପରପକ୍ଷେ ପାଠ୍ୟ 'ଟେକ୍ସଟ' କିମ୍ବା ଶ୍ରାବ୍ୟ 'ଅଡ଼ିଓ' ତୁଳନାରେ ଦୃଶ୍ୟ 'ଭିଡ଼ିଓ' ଅଧିକ ସୂଚନା ବିନିମୟରେ ସକ୍ଷମ ଛ କେତେକଙ୍କ ମତରେ ଆଧୁନିକ ଭିଡ଼ିଓ ପ୍ରଧାନ ମଞ୍ଚଗୁଡ଼ିକ ପାରମ୍ପରିକ ଗଣମାଧ୍ୟମ ମଞ୍ଚର ଭୂମିକାକୁ ଗୌଣ କରିପକାଉଛି ।

ସାମାଜିକ ଗଣମାଧ୍ୟମ ବା 'ସୋସିଆଲ ମିଡ଼ିଆ' ପ୍ରଥମତଃ 'ସୋସିଆଲ ନେଟ୍‌ୱାର୍କ' ଭାବେ ବିକଶିତ ହୋଇଥିଲା । 'ସୋସିଆଲ ନେଟ୍‌ୱାର୍କ'ରେ ଜଣେ ଉପଭୋକ୍ତା ମୁଖ୍ୟତଃ ନିଜ ପୂର୍ବ ପରିଚିତଙ୍କ ସହ ଯୋଗାଯୋଗରେ ସଂପୃକ୍ତ ରହୁଥିଲା । 'ଫେସବୁକ' ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ ନିମନ୍ତେ ଅଭିପ୍ରେତ ଥିଲା । 'ଲିଙ୍କଡ଼ଇନ' ନିଯୁକ୍ତି ଆକାଂକ୍ଷୀଙ୍କ ସହାୟତାରେ ଆସୁଥିଲା । କିନ୍ତୁ 'ଟୁଇଟର'ର ଉନ୍ମୋଚନ ପରେ ପରିଚିତି ବର୍ଗଙ୍କ ସହ ଯୋଗାଯୋଗର ପରିସୀମା ବୃଦ୍ଧିପାଇ ସର୍ବସାଧାରଣଙ୍କୁ ସଂପ୍ରସାରିତ ହୋଇଥିଲା । କ୍ରମଶଃ ବ୍ୟବସାୟୀ, ରାଜନୀତିକ ନେତୃବର୍ଗ ଓ ପ୍ରଚାର ଅନ୍ୱେଷୀଙ୍କ ପ୍ରୟାସରେ ବହୁ ସଂଖ୍ୟାରେ ଜନସାଧାରଣଙ୍କୁ ନିଜସ୍ୱ ମଞ୍ଚରେ ସାମିଲ କରିବା ନିମନ୍ତେ ଅନବରତ ଉଦ୍ୟମ ଜାରୀ ରହିଥିଲା ଛ ଫଳ ସ୍ୱରୂପ ୨୦୦୯ ବେଳକୁ 'ସୋସିଆଲ ନେଟ୍ୱାର୍କ' କ୍ରମଶଃ 'ସୋସିଆଲ ମିଡ଼ିଆ'ରେ ପରିଣତ ହେଲା ।

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ସୋସିଆଲ ମିଡ଼ିଆର ପ୍ରସାର ମହାମାରୀ ଯାଏଁ ବଳବତ୍ତର ରହିଥିଲା । ସାମଗ୍ରୀକଭାବେ ସୋସିଆଲ ମିଡ଼ିଆ ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକର ପ୍ରତିଯୋଗୀଭାବେ ଉପସ୍ଥାପିତ ହୋଇ ପୂର୍ବଜଙ୍କ ବିଜ୍ଞାପନ ଆୟ ନିଜ ଅକ୍ତିଆରକୁ ଆଣିବାରେ ସଫଳ ହୋଇପାରିଥିଲା । ସୋସିଆଲ ମିଡ଼ିଆ ପ୍ରସାରକ 'ବ୍ରଡ଼କାଷ୍ଟର' ଭୂମିକାରେ ଅବତୀର୍ଣ୍ଣ ହେବା ଏବଂ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ତଥା ବିଜ୍ଞାପନ ପ୍ରଦର୍ଶନରେ ଅତ୍ୟାଧୁନିକ ବୈଷୟିକ କୌଶଳ ପ୍ରୟୋଗଜନିତ ଅଭିଷ୍ଟ ଗୋଷ୍ଠୀଙ୍କ ନିକଟରେ ବର୍ଣ୍ଣାଢ୍ୟ ଆଙ୍ଗିକରେ ପହଞ୍ଚିବାର ସୁଯୋଗ ବିଜ୍ଞାପନ ଆୟବୃଦ୍ଧିରେ ପର୍ଯ୍ୟବସିତ ହୋଇଥିଲା । ତେବେ ଉପଭୋକ୍ତାଙ୍କ ବିକଳ୍ପ ସୋସିଆଲ ମିଡ଼ିଆ ମଞ୍ଚକୁ ଅପସାରଣ ପ୍ରକ୍ରିୟା ଏବଂ ପାରିପାର୍ଶ୍ୱିକ ପରିସ୍ଥିତି 'ନ୍ୟୁ–ନରମାଲ'ରେ ପ୍ରଥମ ପର୍ଯ୍ୟାୟରେ ବିକଶିତ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକ ପାରମ୍ପରିକ ଗଣମାଧ୍ୟମ ସମ୍ମୁଖୀନ ହୋଇଥିବା ବିଜ୍ଞାପନ ଆୟ ଅଭାବ ପରିସ୍ଥିତିରେ ପହଞ୍ଚିବାକୁ ବାଧ ହେଲା ।

ବିଜ୍ଞାପନ ଆୟ ଅଭାବରେ ବିଜ୍ଞାପନ–ଆଶ୍ରିତ ବ୍ୟାବସାୟିକ ମଡ଼େଲରେ ବିକଶିତ ମୁଦ୍ରଣ ମଞ୍ଚ ଗ୍ରାହକଚାନ୍ଦା–ଆଶ୍ରିତ ବ୍ୟାବସାୟିକ ମଡ଼େଲ ଅନୁସରଣ କରିବାକୁ ବାଧ ହୋଇଥିଲା । ବିଜ୍ଞାପନ ଆୟ ଅଭାବରେ ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକ ମଧ୍ୟ ଗ୍ରାହକ–ଚାନ୍ଦା ପ୍ରତି ନିର୍ଭରଶୀଳ ହେବାର ସମୟ ଉପନୀତ । ଟୁଇଟର ପକ୍ଷରୁ ମାସିକ ଚାନ୍ଦା ଧାର୍ଯ୍ୟ ଏକ ଉଦାହରଣ । ସୋସିଆଲ ମିଡ଼ିଆ ପତନରେ ଆଲଗୋରିଥିମର ଭୂମିକାକୁ ଉପେକ୍ଷା କରାଯାଇନପାରେ । ଉପଭୋକ୍ତାଙ୍କ ଆଚରଣ ଓ ରୁଚି ତର୍ଜମା କରି ଯାନ୍ତ୍ରିକ ଉପାୟରେ ଆଲଗୋରିଥିମ ସଂପୃକ୍ତ ଉପଭୋକ୍ତାଙ୍କ ସୋସିଆଲ ମିଡ଼ିଆ ମଞ୍ଚରେ ପାଠ୍ୟ, ଶ୍ରାବ୍ୟ ଓ ଦୃଶ୍ୟ 'ଟେକ୍ସଟ, ଅଡ଼ିଓ ଏଣ୍ଡ ଭିଡ଼ିଓ' ପ୍ରଦର୍ଶନ କରାଯାଏ । ଫେସବୁକରେ ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କ ବନ୍ଧୁ ପରିସରରେ ଅଯୋଗ୍ୟଙ୍କ ପ୍ରବେଶ ପରେ ସେମାନଙ୍କ ବନ୍ଧୁଙ୍କ ରୁଚି ଆଧାରରେ ସ୍ୱୟଂକ୍ରିୟ ଧାରାରେ ଅରୁଚିକର ପ୍ରଦର୍ଶନ ଆରମ୍ଭ ହୋଇଯାଏ । ଏତାଦୃଶ ଅବସ୍ଥା ସମୟକ୍ରମେ ଉପଭୋକ୍ତଙ୍କ ସଂପୃକ୍ତ ମଞ୍ଚ ପ୍ରତି ଆଗ୍ରହହାନୀରେ ପରିବର୍ତ୍ତିତ ହୁଏ । ଏହାର ପ୍ରତିରୋଧ ସଂଭବ । କିନ୍ତୁ ଅନେକ କ୍ଷେତ୍ରରେ ଉପଭୋକ୍ତା ଏହି ଦିଗରେ ସଚେତନ ନଥାଏ କିମ୍ବା ଉଦ୍ୟମ କରିବା ନିମନ୍ତେ ଯତ୍ନବାନ ହୋଇନଥାଏ ।

ଉପସଂହାରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ, ସୋସିଆଲ ମିଡ଼ିଆର ଅବକ୍ଷୟ ଆରମ୍ଭ ହୋଇସାରିଲାଣି କି ? ଅନଲାଇନ ଯୋଗାଯୋଗ ଆରମ୍ଭ ପୂର୍ବରୁ ସାଧାରଣରେ ମନୁଷ୍ୟ କମ ବ୍ୟକ୍ତିଙ୍କ ସହ ଦୈନିକଭିତ୍ତିରେ କମ ସମୟ ଯୋଗାଯୋଗରେ ସଂପୃକ୍ତ ରହୁଥିଲା । ଇଣ୍ଟରନେଟ ପ୍ରସାର, ସ୍ମାର୍ଟଫୋନ ବ୍ୟବହାର ଓ ସୋସିଆଲ ମିଡ଼ିଆରେ ଉପସ୍ଥିତି ଉଭୟ କ୍ଷେତ୍ରରେ ସଂଖ୍ୟା ଓ ଅବଧି ବୃଦ୍ଧିରେ ପରିବର୍ତ୍ତିତ ହେଲା । ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏହି ସୁବିଧା ସୁଯୋଗ ସାର୍ବଜନୀନସ୍ତରକୁ ସଂପ୍ରସାରିତ ହୋଇପାରିଲା । ପ୍ରସାରଣ ଗଣମାଧ୍ୟମ ପ୍ରତିଷ୍ଠାନ, ସରକାର ଓ ବ୍ୟାବସାୟିକ ସଂସ୍ଥା କବଳରୁ ସାଧାରଣ ନାଗରିକଙ୍କଠାରେ ପହଞ୍ଚିଲା । ପ୍ରସାରଣ ନିମନ୍ତେ କାହାରି ଅନୁମୋଦନ 'ଏଣ୍ଡୋରର୍ସମେଣ୍ଟ'ର ଆବଶ୍ୟକତା ପଡ଼ିଲାନି । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବଦଳରେ ଉପଭୋକ୍ତାଙ୍କ ସୃଜନ 'ୟୁଜର ଜେନେରେଟଡ଼ କଣ୍ଟେଣ୍ଟ' ସୋସିଆଲ ମିଡ଼ିଆ ମଞ୍ଚଗୁଡ଼ିକୁ ସମୃଦ୍ଧ କଲା । ଅବଶ୍ୟ ଏହି ପରିବର୍ତ୍ତିତ ଧାରା ସୁଯୋଗ ବଦଳରେ ବିପଦର ମଧ୍ୟ କାରଣ ପାଲଟିଲା । ସୋସିଆଲ ମିଡ଼ିଆ ନିୟନ୍ତ୍ରଣ ନିମନ୍ତେ ବିଶ୍ୱର ବହୁ ରାଷ୍ଟ୍ର ସରକାରୀସ୍ତରରେ ଆଇନ ପ୍ରଣୟନ ଓ ସମୀକ୍ଷା ନିମନ୍ତେ ଯତ୍ନବାନ । ଏହିସବୁ ଉପକ୍ରମ ଆଧାରରେ ୨୦୨୨ ସୁଦ୍ଧା ସୋସିଆଲ ମିଡ଼ିଆ ତୃତୀୟ ଅଧ୍ୟାୟରେ ଉପନୀତ ବୋଲି କୁହାଯାଇପାରେ ।

# ପଦ୍ମପୁରରେ ତ୍ରିମୁଖୀ ଲଢ଼େଇ: କିଏ ମାରିବ ବାଜି





ପଦ୍ମପୁର/ବରଗଡ: ପଦ୍ମପୁର ଉପର୍ନିବାଚନକୁ ଆଉ ମାତ୍ର କିଛି ଦିନ ବାକି ରହିଛି । ୩ ପ୍ରମୁଖ ଦଳ ବିଜେପି, ବିଜେଡି, କଂଗ୍ରସର ବହୁ ପୁରୁଖା ନେତାମାନେ ପଦ୍ମପୁରରେ ଡେରା ପକାଇଛନ୍ତି । ଏମାନଙ୍କ ସହିତ ଷ୍ଟାର ପ୍ରଚାରକମାନେ ମଧ୍ୟ ତୁହାକୁ ତୁହା ଆସୁଥିବାର ଦେଖିବାକୁ ମିଳିଛି । ବିଜେଡିର ଟାଣୁଆ ନେତା ତଥା ରାଜନୀତିର ଶକୁନି ବୋଲି କୁହାଯାଉଥିବା ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସୁଶାନ୍ତ ସିଂ,ସ୍ନେହାଙ୍ଗିନ ଛୁରିଆ, ଅତନୁ ସବ୍ୟସାଚୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନବ ଦାସଙ୍କ ଭଳି ଟାଣୁଆ ନେତାମାନଙ୍କୁ ନେଇ ଜୋରଦାର ପ୍ରଚାର ଚାଲିଥିବା ବେଳେ କେନ୍ଦ୍ର ସକାରଙ୍କ ଉପରେ ବର୍ଷୁଥିବାରେ ଦେଖିବାକୁ ମିଳୁଛି । ଦରଦାମ ବୃଦ୍ଧିଠାରୁ ଆରମ୍ଭ କରି ଜିଏସ୍‌ଟି, ପେଟ୍ରୋଲ, ଡିଜେଲ ଦାମ ଅହେତୁକ ମାତ୍ରାରେ ବଢ଼ାଇବାଦ୍ୱାରା ସାଧାରଣ ଲୋକମାନେ କିପରି ହଇରାଣ ହରକତ ହେଉଛନ୍ତି କହି ନିର୍ବାଚନ ପ୍ରଚାରକୁ ଜୋରଦାର କରୁଥିବାର ଦେଖିବାକୁ ମିଳୁଛି । ସେହିଭଳି ବିଜେପି ମଧ୍ୟ ରାଜ୍ୟର ପୁରୁଖା ନେତାମାନଙ୍କୁ ନେଇ ପ୍ରଚାର ଜୋରଦାର କରୁଥିବାର ଦେଖିବାକୁ ମିଳୁଛି । ଗତ ୨୦୧୯ ନିର୍ବାଚନରେ ଖୁବ ସ୍ୱଳ୍ପ ଭୋଟରେ ବିଜେଡି ନିକଟରୁ ପ୍ରଦୀପ ପୁରୋହିତ ହାରିଥିବାରୁ ସହଜରେ ହଜମ କରିପାରୁନାହାନ୍ତି । ପଦ୍ମପୁର ନିର୍ବାଚନ ମଣ୍ଡଳୀର ଜଣେ ଟାଣୁଆ ନେତାଭାବେ ପରିଚିତ ପ୍ରଦୀପ ପୁରୋହିତ ତାଙ୍କର ଚିରାଚରିତ ପନ୍ଥାକୁ ଆପଣାଇ ଭୋଟର ମାନଙ୍କ ଘରକୁ ଘର ଯାଇ ଭୋଟଭିକ୍ଷା କରୁଥିବାର ଦେଖିବାକୁ ମିଳୁଛି । ସେହିପରି ବିଜେଡ଼ିର ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନସିଂ ବରିହାଙ୍କ ବଡ଼ଝିଅ ବର୍ଷାସିଂ ବରିହା ମଧ୍ୟ ନିଜ ଦଳୀୟ ନେତାମାନଙ୍କ ସହିତ ଭୋଟର ମାନଙ୍କ ନିକଟକୁ ଯାଇ ହାତଯୋଡି ଭୋଟଭିକ୍ଷା କରୁଥିବାର ଦେଖିବାକୁ ମିଳୁଛି । ବାକି ରହିଲା ଜାତୀୟ କଂଗ୍ରସ । ଗତ କିଛିବର୍ଷ ହେବ କଂଗ୍ରସର ସ୍ଥିତି ଭଲନାହିଁ । କିନ୍ତୁ ସତ୍ୟ ସାହୁ ଜଣେ ପୁରୁଖା ଏବଂ ଭଲ ନେତା ହୋଇଥିଲେ ମଧ୍ୟ ନିଜ ଦଳୀୟ ନେତାମାନଙ୍କୁ ବହୁତ କସରତ କରିବାକୁ ପଡୁଛି । ବରଗଡ ଜିଲ୍ଲା ସଭାପତି ନିହାର ମହାନନ୍ଦଙ୍କ ଠାରୁ ଆରମ୍ଭକରି ନିପନ ଦାସ, ନିରଞ୍ଜନ ପାଟନାଏକ, ନରସିଂହ ମିଶ୍ର ଆହୁରି କେତେକ ନେତାଙ୍କୁ ନେଇ ଦେଶର ବିଜେପି ସରକାର ଓ ରାଜ୍ୟରେ ବିଜେଡି ସରକାରଙ୍କ ଉପରେ ଜୋରଦାର ବର୍ଷୁ ଥିବାରେ ଦେଖିବାକୁ ମିଳୁଛି । ଆଜି ଦେଶରେ ଲୋକମାନେ ଯାହାକିଛି ଦେଖୁଛନ୍ତି ସେ ସବୁ କଂଗ୍ରେସର ଅବଦାନ । ରାଉରକେଲା ଷ୍ଟିଲପ୍ଲାଣ୍ଟ ଭିଲାଇ ଷ୍ଟିଲପ୍ଲାଣ୍ଟ,ଦୁର୍ଗାପୁର ଷ୍ଟିଲପ୍ଲାଣ୍ଟ, ସାରା ଭାରତରେ ଯେତେଗୁଡ଼ିଏ ଷ୍ଟିଲପ୍ଲାଣ୍ଟ, ଅନୁଗୁଳ ଏବଂ ଦମନଯୋଡିର ଆଲୁମିନିୟମ କାରଖାନା କୁହନ୍ତୁ କଂଗ୍ରସ ପିରିୟଡ଼ ମଧ୍ୟରେ କରାଯାଇ ଲୋକମାନଙ୍କୁ ରୋଜଗାର କ୍ଷମ କରାଯାଇଛି,ଓଡ଼ିଶାର ବିଭିନ ସ୍ଥାନରେ ସରକାରଖାନା ସୂତାକଳ ଠାରୁ ଆରମ୍ଭ କରି ଛୋଟ ଛୋଟ କାରଖାନା ବସାଇ ଲୋକମାନଙ୍କୁ ରୋଜଗାର କ୍ଷମ କରାଇବାରେ ସକ୍ଷମ ହୋଇପାରିଥିଲା । ୨୦୧୪ ନିର୍ବାଚନବେଳେ ନରେନ୍ଦ୍ର ମୋଦି ନିଜ ଭାଷଣରେ ପ୍ରକାଶ କରିଥବା କଥାକୁ ସମ୍ପୂର୍ଣ ମାତ୍ରାରେ ଭୁଲି ଯୁଧ ଓ ବୈଦେଶିକ ରାଜନୀତିକୁ ବଢ଼ାଇ ଲୋକମାନଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇ ପାରିଥିଲେ । ନରେନ୍ଦ୍ରମୋଦି ଆହୁରି ମଧ୍ୟ ଦେଶାବାସୀଙ୍କୁ କହିଥିଲେ କି କଂଗ୍ରସକୁ ୫୦ବର୍ଷ ଭୋଟରେ ଜିତାଇ ଆସୁଛ ମୋତେ ମାତ୍ର ୫୦ ମାସ ଭୋଟଦେଇ ଦେଖନ୍ତୁ ମୁଁ ଦେଶପାଇଁ କଣ କରୁଛି । ବର୍ଷକୁ ୧ଲକ୍ଷ ନିଯୁକ୍ତି, କୃଷକ ମାନଙ୍କୁ ସାହାଯ୍ୟ ଓ ସହଯୋଗ ଦେଶର ସବୁକିଛି ପରିବର୍ତ୍ତନ କରିଦେବି । କିନ୍ତୁ ଏକ ବିଡମ୍ବନାର ବିଷୟ ଏହିକିଯେ ଆଜି ଦିନରେ ସବୁକିଛି ଫସରଫାଟି ଯାଇଛି । କୋଟି କୋଟି ଶିକ୍ଷିତ ବେକାର ଯୁବକ ଯୁବତୀ ମାନେ ଆଜି ଚାକିରୀ ନ ପାଇ ଅସାମାଜିକ କାର୍ଯ୍ୟରେ ଲିପ୍ତରହି ଅସାମାଜିକ କାର୍ଯ୍ୟ ଠାରୁ ଆରମ୍ଭ କରି ସାଇବର କ୍ରାଇମ କରୁଥିବାର ଦେଖିବାକୁ ମିଳୁଛି । ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ମାତ୍ରାରେ ବଢିବା ଦ୍ୱାରା ନିତ୍ୟ ଅପରିହାର୍ଯ୍ୟ ସାମଗ୍ରୀ ଦର ଦାମ ଅହେତୁକ ମାତ୍ରାରେ ବଢି ବଢି ଆଜି ଚରମ ସୀମାରେ ପହଞ୍ଚି ଗଲାଣି । କିନ୍ତୁ ରୋଜଗାର ନ ବଢ଼ିବାରୁ ଲୋକମାନେ ହଇରାଣ ହରକତ ହେଉଥିବାର ଦେଖିବାକୁ ମିଳୁଛି । ରାଜ୍ୟସରକାରଙ୍କର କୃଷିମରଣ ନୀତି ବିଷୟରେ ଲୋକମାନଙ୍କୁ କହିବାକୁ ଯାଇ ଶିଶୁ ବଳାତ୍କାର ଠାରୁ ଆରମ୍ଭ କରି ଅର୍ଚ୍ଚନା ନାଗ ପର୍ଯ୍ୟନ୍ତ ସୋମ୍ୟ ପଟାନେକଙ୍କ ମୃତ୍ୟୁ ଠାରୁ ଆରମ୍ଭକରି ମମୀତ ମେହେର ପର୍ଯ୍ୟନ୍ତ ନିର୍ବାଚନୀ ପ୍ରଚାର ମାଧମରେ ଲୋକଲୋଚନକୁ ଆଣୁଥିବାରେ ଦେଖିବାକୁ ମିଳୁଛି । ଦେଖାଯାଉ ହାତୀ କାହାମୁଣ୍ଡାରେ ସୁନା କଳସ ଢାଳୁଛି । ତେବେ ସେ ଯାହା ହେଉନା କାହିଁକି ବରଗଡ ଜିଲ୍ଲାର ପଦ୍ମପୁର ଉପର୍ନିବାଚନରେ କିଛିଟା ପରିବର୍ତ୍ତନ ହେବବୋଲି ଅନୁମାନ କରାଯାଉଛି । ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ ଜୋରଦାର ଲଢେଇ ହୋଇଥିଲା । କିନ୍ତୁ ସବୁକିଛି ଓଲଟ ପାଲଟ ହୋଇଗଲା । ସେହିଭଳି ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଦୁଇ ପ୍ରମୁଖ ଦଳ ମଧ୍ୟରେ କଡା ଟକ୍କର ହେବବୋଲି ସାଧାରଣ ଭୋଟର ମାନଙ୍କ ଠାରୁ ଅନୁମାନ କରାଯାଉଛି ।

# ମନ୍ତ୍ରୀଙ୍କ ବୈଠକ ଆୟୋଜନ କରି ୩ ଅଧ୍ୟାପକ ନିଲମ୍ବିତ

ଭୁବନେଶ୍ୱର: ଗତ ୧୯ ତାରିଖ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାର ସରକାରୀ ସ୍କୁଲ୍ ଏବଂ ସରକାରୀ କଲେଜ ପରିସର ଭିତରେ ସରକାରୀ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପକ ଓ ପ୍ରାଧ୍ୟାପକ ସହ ବୈଠକ କରିଥିଲେ । ଏହି ବୈଠକରେ ପଦ୍ମପୁର ଉପର୍ନିବାଚନ ସଂକ୍ରାନ୍ତରେ ଆଲୋଚନା କରାଯିବା ସହିତ ଶାସକ ବିଜେଡି ସପକ୍ଷରେ କାର୍ଯ୍ୟ କରାଯିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକକୁ ପଦ୍ମପୁର ଅଞ୍ଚଳ କଲେଜର ଇତିହାସ ବିଭାଗ ଅଧ୍ୟାପକ କୃଷ୍ଣମୋହନ ପଣ୍ଡା, ମାଣ୍ଡୋସିଲ୍ ଡିଗ୍ରୀ କଲେଜର ପ୍ରିନ୍ସିପାଲ (ଇନ୍‌ଚାର୍ଜ) ବିନୟ ରଞ୍ଜନ ପଣ୍ଡା, ଡଭା ଉଚ୍ଚ ମାଧ୍ୟମିକ ସ୍କୁଲର ରାଜନୀତି ବିଜ୍ଞାନର ଅଧ୍ୟାପକ ସୁଧୀର କୁମାର ରଥ ପ୍ରମୁଖ ଆୟୋଜନ କରିଥିଲେ । ଜଣେ ସରକାରୀ କର୍ମଚାରୀ ହୋଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା କାରଣରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଥିଲା । ଏହାପରେ ୩ ସରକାରୀ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନିଲମ୍ବନ କରାଯାଇଛି । ଆଗକୁ ମଧ୍ୟ ସରକାରୀ କର୍ମଚାରୀ ଯଦି ଶାସକ ବିଜେଡି ସପକ୍ଷରେ ଭୋଟ କାର୍ଯ୍ୟ କରିବେ, ତାହେଲେ ସେମାନେ ମଧ୍ୟ ନିଜ ନିଜ ଚାକିରୀରୁ ବିଦା ହେବେ । ଶାସକ ଦଳର ପ୍ରଲୋଭନରେ ସରକାରୀ ଚାକିରୀଆ ନଆସି ତାଙ୍କ ଦାୟିତ୍ୱ ତୁଲାନ୍ତୁ ଓ ରାଜନୀତିରୁ ନିବୃତ ରୁହନ୍ତୁ ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।


ଯେଉଁ ଯେଉଁ ସ୍ଥାନରେ ଶାସକ ବିଜେଡି ଦ୍ୱାରା ନିର୍ବାଚନ ଆଚରଣ ବିଧି ଉଲଘଂନ ହେଉଛି, ବିଜେପି ସବୁବେଳେ ତଥ୍ୟ ଓ ପ୍ରମାଣ ସହିତ ଯଥାର୍ଥ ଅଭିଯୋଗ ସିଇଓଙ୍କ ନିକଟରେ କରିଥାଏ । ବିଜେପିକୁ ମିଛ ବୋଲି କହୁଥିବା ଶାସକ ବିଜେଡିକୁ ଏହା ଏକ ଶକ୍ତ ଚାପୁଡା । ଦେଶର ଜନସାଧାରଣ ଗଣତନ୍ତ୍ର ଅନୁସାରେ କାର୍ଯ୍ୟ କରନ୍ତି ଓ ସମ୍ବିଧାନ ହେଉଛି ସର୍ବୋଚ ପୁସ୍ତକ । କିନ୍ତୁ ୨୨ବର୍ଷ ଓଡ଼ିଶାରେ ଶାସନ କରୁଥିବା ଅହଂକାରୀ ବିଜୁ ଜନତା ଦଳ ସମ୍ବିଧାନକୁ ମାନିବାକୁ ନା ଗଣତନ୍ତ୍ରକୁ ସ୍ୱୀକାର କରିବାକୁ ରାଜି ନୁହଁ । ନିର୍ବାଚନ ଆସିଲେ ଶାସକ ଦଳ ଆଇନ ଉଲଘଂନର ପେଡି ଖୋଲିଦିଏ । ଯାହା ଏବେ ପଦ୍ମପୁର ଉପର୍ନିବାଚନରେ ଦେଖିବାକୁ ମିଳିଛି ।


# ଏକ୍ସପ୍ରେସ୍ ଟ୍ରେନ୍‌ରେ ଅସୁରକ୍ଷିତ ଯାତ୍ରୀ !




ବରଗଡ଼: ଲୋକମାନେ ଦୂରଯାତ୍ରା ପାଇଁ ଟ୍ରେନ୍‌ରେ ଯିବାକୁ ବେଶୀ ପସନ୍ଦ କରିଥାନ୍ତି । ଏହାର ମୁଖ୍ୟ କାରଣ ଟ୍ରେନ୍‌ରେ ଯିବାଦ୍ୱାରା କମଟଙ୍କା ଖର୍ଚ୍ଚ ହୋଇଥାଏ । ମାସେ କିମ୍ବା ଦୁଇମାସ ପୂର୍ବରୁ ଆଡ଼ଭାନ୍ସ ଟିକେଟ୍ କାଟିଥାନ୍ତି । ଟିକେଟ୍ ଗୁଡିକ କନ୍‌ଫର୍ମ ହୋଇଥାଏ ସେମାନେ ଭାବନ୍ତି ଯାହାହେଉ ଟିକେଟ୍ ମିଳିଗଲା ଟିକେ ଆରାମରେ ଯାତ୍ରା କରିହେବ । ଯେଉଁମାନେ ଫାଷ୍ଟ ଏସି, ସେକେଣ୍ଡ୍ ଏସି, ୩ ଏସି ଟିକେଟ୍ କାଟିଥାନ୍ତି ସେମାନଙ୍କର ଚିନ୍ତାନାହିଁ । କିନ୍ତୁ ଯେଉଁମାନେ ସ୍ଲିପର୍ ଟିକେଟ୍ କାଟିଥାନ୍ତି ସେମାନଙ୍କର ଅବସ୍ଥା କହିଲେ ନ ସରେ । ଏହାର ମୁଖ୍ୟ କାରଣ ହେଲା ଯେଉଁମାନଙ୍କର ୱେଟିଂ ଟିକେଟ୍ କ୍ୟାନ୍ସଲ ହେବ, ଯେଉଁମାନଙ୍କର ଟିକେଟ୍ କନଫର୍ମ ନ ଥାଏ ସେମାନେ କଣ କରିବେ ଯେମିତି ହେଲେ ଯବାକୁ ତ ପଡିବ । ନିୟମ କହୁଛି କନଫର୍ମ ଟିକେଟ ନ ମିଳିଲେ ଦୂରଯାତ୍ରା କରିବା ମନା । ତେଣୁ ଏଠାରେ ଏକ ପ୍ରଶ୍ନଉଠେ, ଟିକେଟ୍ ୱେଟିଂର ମାନେକଣ ? ଯଦି ଟିକେଟ ସରିଯାଇଛି ଉକ୍ତ ତାରିଖରେ ବନ୍ଦ କରିଦେବା କଥା କିନ୍ତୁ ତାହା ନକରି ୧୦୦ରୁ ୩୦୦ପର୍ଯ୍ୟନ୍ତ ୱେଟିଂରେ ଟିକେଟ୍ କଟାଯାଉଛି । ଯାହାକି ଏହା ଏକ ଧାର୍ତ୍ତବ୍ୟ ଅପରାଧ । ଯଦି ଯାତ୍ରୀମାନେ ୱେଟିଂରେ ଟିକେଟ୍ କାଟୁଛନ୍ତି ତେବେ ୪୮ଘଣ୍ଟା ପୂର୍ବରୁ ଯାତ୍ରୀମାନଙ୍କୁ ଜଣାଇବା କଥା । କିନ୍ତୁ ତାହା ନକରି ନିର୍ଦ୍ଦିଷ୍ଟ ତାରିଖର ୧୨ଘଣ୍ଟା ପୂର୍ବରୁ ମ୍ୟାସେଜ କରିଦିଆଯାଉଛି । ଯାହାକି ଯାତ୍ରୀମାନେ ହିନସ୍ଥା ହେବାରେ ଦେଖିବାକୁ ମିଳୁଛି । ଯେଉଁ ଯାତ୍ରୀମାନଙ୍କ ଟିକେଟ୍ କ୍ୟାନ୍ସଲ ହେଉଛି ସେହି ଯାତ୍ରୀମାନଙ୍କୁ ଜେନେରାଲ୍ ଟିକେଟ୍ କାଟି ସ୍ଲିପର ବଗିରେ ପଶିବାକୁ ବାଧ୍ୟ କରାଯାଉଛି । ଯାହାଫଳରେ ଯେଉଁଯାତ୍ରୀମାନେ ସ୍ଲିପର କାଟିଥିବେ ସେମାନେ ଟିକେ ଶୋଇ ବସି ପାରିବେ ନାହିଁ । ଜୋର୍‌ଜବରଦସ୍ତ ସିଟ୍‌ରେ ଅନ୍ୟ ଯାତ୍ରୀମାନେ ବସିଯାଉଥିବାରେ ଦେଖିବାକୁ ମିଳୁଛି । ଏଭଳି କାହିଁକି କରାଯାଉଛି । ରାତ୍ରିବେଳ ଟିକେଟ୍ କାଟିଥିବା ଯାତ୍ରୀମାନେ ଶୋଇ ଯିବାଦ୍ୱାରା ଅନ୍ୟ ଯାତ୍ରୀମାନଙ୍କୁ ତଳେ ଲାଇନରେ ବସିବାକୁ ପଡୁଛି । ଏମିତିକି ମହିଳା ଯାତ୍ରୀମାନେ ବାଥରୁମ୍ ଯିବା ଆସିବା କରିବାରେ ହିନସ୍ଥା ହେଉଥିବାର ଦେଖାଯାଉଛି । ଯଦି କୌଣସି ଦିନ ଟ୍ରେନ୍ ଭିଡ ହେଉଛି ସେଦିନ ଟିଟି ମାନଙ୍କର ପକେଟ୍ ଫୁଲ । ଯାତ୍ରୀମାନେ ଟିଟି ନିକଟରୁ ବର୍ତ୍ତିବା ଅସମ୍ଭବ । ଯେଉଁ ସ୍ଥାନକୁ ୪୦୦ ଟଙ୍କା ଟିକେଟ୍ ହେବକଥା ଟିଟି ୧୦୦୦ ଟଙ୍କା ନେଉଥିବା ଏବଂ ସେତ ପୁଣି ବିନା ରସିଦରେ । ଏଭଳି ଏକ ଘଟଣା ଗତ ୬/୧୧/୨୦୨୨ ରିଖ ଦିଲ୍ଲୀରୁ ଛାଡୁଥିବା ପୁରୁଷତ୍ତମ ଏକ୍ସପ୍ରେସରେ ଦେଖିବାକୁ ମିଳିଥିଲା । ୬ ତାରିଖ ସଖାଳ ୭ଟାରେ ପ୍ରୟାଗରାଜରେ ପହଞ୍ଚିବା ପରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ସେଦିନ ବଗିର ଟାଙ୍କିରେ ପାଣି ନ ଥିଲା । ପ୍ରୟାଗରାଜରେ ଟ୍ରେନ୍ ପହଞ୍ଚିବା ପରେ ପାଣି ନ ଭରି ଟ୍ରେନ୍ ଛାଡି ଦେଇଥିଲା । ଯାହାକି ଦୀର୍ଘ ୪୦୦ କିଲୋମିଟର ଯିବାପରେ ୫ ନମ୍ବର ବଗିରେ ଥିବା ସିଆର୍‌ପିଏଫ୍ ଯବାନମାନେ ଫୋନ ଜରିଆରେ କମ୍ପ୍ଲେନ କରିଥିଲେ । ବାରମ୍ବାର ଅଭିଯୋଗ କରି ମଧ୍ୟ କିଛି ଲାଭ ହୋଇ ନ ଥିଲା । ପାଣି ଭରିବା କଥା । କିନ୍ତୁ ତାହା ନ କରିବା ଦ୍ୱାରା ସଖାଳ ସମୟରେ ଯାତ୍ରୀମାନେ ଝାଡା ପରିସ୍ରା କରିବା ପାଇଁ ହୀନସ୍ଥା ହେଉଥିବାରେ ଦେଖିବାକୁ ମିଳିଥିଲା । ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କୌଣସି ପଦକ୍ଷେପ ନେଇ ନଥିଲେ । ମାସେ କିମ୍ବା ଦୁଇମାସ ପୂର୍ବରୁ ଯାତ୍ରୀମାନେ ଇଣ୍ଟରନେଟ୍‌ରେ ଟିକେଟ୍ କାଟି ବି ଟିକେଟ୍ କ୍ୟାଂଶଲ ହୋଇଯିବା ଦ୍ୱାରା ଯାତ୍ରୀମାନେ ସାଧରଣ ବଗିରେ ଚଢିବା ଆରମ୍ଭ କରିଥିଲେ । ଯାହାକି ଯେଇଁ ଯାତ୍ରୀମାନେ ସିଟ୍‌ରେ ବସିବାରେ ଟିକେଟ୍ କାଟିଥିଲେ ସେମାନେବି ନିଜକୁ ଅସୁରକ୍ଷିତ ମଣୁଥିବାରେ ଦେଖିବାକୁ ମିଳିଥିଲା । ଏମିତିକି ଦିଲ୍ଲୀରୁ ଯାତ୍ରୀମାନେ ଛିଡ଼ାହୋଇ ଯାଉଥିବାରେ ଦେଖିବାକୁ ମିଳିଛି । ପାଣିନାହିଁ, ବସିବାକୁ ସୁବିଧା ନାହିଁ । ଏମିତି ଏକ ଅସୁବିଧା ଜନକ ଯାତ୍ରାପାଁଇ କିଏ ଦାୟୀ ? ରେଲୱେ ବିଭାଗର ଏଭଳି କାର୍ଯ୍ୟକଳାପକୁ ଯାତ୍ରୀମାନେ ଘୋର ବିରୋଧ କରୁଥିବାରେ ଦେଖିବାକୁ ମିଳିଥିଲା ଏବଂ ଭାରତ ସରକାରଙ୍କର ରେଲୱେ ବିଭାଗ ଏକ ଚୋରବିଭାଗ ବୋଲି ଯାତ୍ରୀମାନେ ନାରାବାଜି କରିବା ଦେଖିବାକୁ ମିଳିଥିଲା । ତେଣୁ ରେଲୱେ ବିଭାଗର ଏଭଳି ମନମୁଖୀ କାର୍ଯ୍ୟ କଳାପକୁ ବନ୍ଦ କରିବାକୁ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

THE AADHAR ODISHA ଆଧାର ଓଡ଼ିଶା















# ଫୁଟବଲ ମହାକୁମ୍ଭ ଆରମ୍ଭ

କତାରରେ ଫୁଟବଲ ମହାକୁମ୍ଭ ବିଶ୍ୱକପ୍ (ଫିଫା) ରବିବାର ଉଦ୍‌ଘାଟିତ ହୋଇଯାଇଛି । ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ମହାସମାରୋହରେ ଢୁଲୁକିଥିଲା ମଞ୍ଚ । ବିଟିଏସ୍ ବ୍ୟାଣ୍ଡର କଳାକାରମାନେ ଦର୍ଶକ ଓ ଫୁଟବଲ୍ ପ୍ରେମୀଙ୍କ ମନ ମୋହିଛନ୍ତି । ଉଦ୍‌ଘାଟନୀ ଅବସରରେ କାତାର ଓ ଇକ୍ୱେଡର ମ୍ୟାଚ ଖେଳିବେ । ଏହି କାର୍ଯ୍ୟକ୍ରମକୁ ୬୦ ହଜାର ଦର୍ଶକ ଉପଭୋଗ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ଦକ୍ଷିଣ କୋରିଆର ରକ୍ ବ୍ୟାଣ୍ଡ ବିଟିଏସ୍ ପ୍ରଦର୍ଶନ କରିଥିଲା । ୩୨ଦେଶକୁ ନେଇ ଫୁଟବଲର ଏହି ମହା ଲଢେଇ ବିଶ୍ୱର ବଛା ବଛା ଦଳକୁ ନେଇ ଆରମ୍ଭ ହେଉଛି । ଏହି ମ୍ୟାଚ୍  ଦୀର୍ଘ ୨୮ ଦିନ ଧରି ଚାଲିବ । କ୍ରୀଡାର ଏହି ମହା ମୁକାବିଲା ୩୨ଟି ଦଳକୁ ନେଇ ୬୪ଟି ମ୍ୟାଚ୍ ଖେଳାଯିବ । ୮ଟି ଗ୍ରୁପରେ ଏହି ଟିମକୁ ଭାଗ କରାଯାଇ ଗ୍ରୁପ୍ ମ୍ୟାଚ୍, ରାଉଣ୍ଡ ଅଫ୍ ସିକ୍ସଟିନ୍ ଏବଂ ନକ୍ ଆଉଟ୍ ପର୍ଯ୍ୟାୟ ଖେଳାଯିବ । ପ୍ରତି ଟିମରେ ୪ଟି ଲେଖାଏଁ ଦଳ ରହିଛନ୍ତି । ଡିସେମ୍ବର ୧୮ରେ ହେବ ଫାଇନାଲ ମ୍ୟାଚ୍ ।







# ପ୍ରେମିକ ତାଲିକା ଲମ୍ବା

## ୪୭ ବର୍ଷରେ ଆଜି ବି ସିଙ୍ଗଲ୍ ସୁସ୍ମିତା



୪୭ ତମ ଜନ୍ମଦିନ ପାଳିଛନ୍ତି ବଲିଉଡ ଅଭିନେତ୍ରୀ ତଥା ପୂର୍ବତନ ବିଶ୍ୱସୁନ୍ଦରୀ ସୁସ୍ମିତା ସେନ । ସୁସ୍ମିତା ସବୁବେଳେ କିଛି ନା କିଛି କାରଣ ପାଇଁ ଚର୍ଚ୍ଚାରେ ରହିଥାନ୍ତି । ଅଭିନୟକୁ ନେଇ ସେ ଯେତିକି ଚର୍ଚ୍ଚିତ ତାଙ୍କ ପର୍ସନାଲ ଲାଇଫକୁ ନେଇ ବି ସେ ଅନେକ ସମୟରେ ଚର୍ଚ୍ଚାର ପରିସରକୁ ଆସିଥାଆନ୍ତି । ବିଶେଷ କରି ପ୍ରେମ ଜୀବନକୁ ନେଇ ଖୁବ୍ ଚର୍ଚ୍ଚିତ ସେ । ୪୭ ବର୍ଷରେ ପଦାର୍ପଣ କରିଥିଲେ ବି ସମସ୍ତଙ୍କ ହୃଦୟକୁ ଚୋରି କରି ନେବାରେ ସଫଳ ହୋଇଥାନ୍ତି । ଏଥିପାଇଁ ତାଙ୍କ ନାମ ସହ ଅନେକ ନାମ ଯୋଡା ଯାଇ ସାରିଛି । ମାତ୍ର ଏବେ ଯାଏ ବିବାହ କରି ନାହାନ୍ତି ହେଲେ ବି ଦୁଇ ଝିଅଙ୍କର ମା' ହୋଇ ବେଶ ଖୁସିରେ ଅଛନ୍ତି ।

**ବିକ୍ରମ ଭଟ୍ଟ:** ନିର୍ଦ୍ଦେଶକ ବିକ୍ରମ ଭଟ୍ଟଙ୍କ ସହ ସୁସ୍ମିତା ସେନଙ୍କ ନାମ ପ୍ରଥମେ ଜଡିତ ହୋଇଥିଲା । ୧୯୯୬ର ଫିଲ୍ମ 'ଦସ୍ତକ'ର ସୁଟିଂ ସମୟରେ ଦୁହେଁ ସାକ୍ଷାତ ହୋଇଥିଲେ । ସେତେବେଳେ ସୁସ୍ମିତାଙ୍କୁ ୨୦-୨୧ ବର୍ଷ ହୋଇଥିଲା ଏବଂ ଉଭୟଙ୍କ ଘନିଷ୍ଠତା ବଢିବାକୁ ଲାଗିଲା । କିନ୍ତୁ ବିକ୍ରମ ବିବାହିତ ଥିବାରୁ ଏହି ସମ୍ପର୍କ ବେଶୀ ଦିନ ତିଷ୍ଠି ରହିଲା ନାହିଁ । କୁହାଯାଏ ଯେ ସୁସ୍ମିତାଙ୍କ କାରଣରୁ ହିଁ ବିକ୍ରମଙ୍କ ଭଟ୍ଟ ତାଙ୍କ ପତ୍ନୀଙ୍କ ସହ ଛାଡପତ୍ର ହୋଇଥିଲା ।

**ରଣଦୀପ ହୁଡ୍ଡା:** ସୁସ୍ମିତା ସେନଙ୍କ ନାମ ମଧ୍ୟ ରଣଦୀପ ହୁଡ୍ଡାଙ୍କ ସହ ଜଡିତ ଥିଲା ଏବଂ ଉଭୟଙ୍କୁ ଏକାଠି ଦେଖିବାକୁ ମିଳୁଥିଲା । ଫିଲ୍ମ 'କର୍ମା ଔର୍ ହୋଲି' ସମୟରେ ଉଭୟଙ୍କ ନିକଟତରତା ବୃଦ୍ଧି ପାଇଥିଲା ଏବଂ ସେମାନଙ୍କ ସମ୍ପର୍କର ଖବର ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚିତ ହୋଇଥିଲା । ରଣଦୀପ ଏବଂ ସୁସ୍ମିତା ପ୍ରାୟ ତିନି ବର୍ଷ ପରସ୍ପର୍କୁ ଡେଟ୍ କରିଥିଲେ ଏବଂ ଏହା ପରେ ସେମାନେ ବ୍ରେକ୍ଅପ୍ ହୋଇଥିଲା ।

**ବଣ୍ଟି ସଚ୍ଚଦେବ:** ସୁସ୍ମିତାଙ୍କ ନାମ ସେଲିବ୍ରିଟି ମ୍ୟାନେଜର ବଣ୍ଟି ସଚ୍ଚଦେବଙ୍କ ସହ ମଧ୍ୟ ଜଡିତ ଥିଲା ଏବଂ ଉଭୟଙ୍କୁ ଅନେକ ଥର ଏକାଠି ଦେଖିବାକୁ ମିଳୁଥିଲା । ବଣ୍ଟି ସେତେବେଳେ ସୁସ୍ମିତାଙ୍କର ମ୍ୟାନେଜର ଥିଲେ ଏବଂ ଏପରି ପରିସ୍ଥିତିରେ ସେମାନଙ୍କ ସମ୍ପର୍କର ଖବର ସାମ୍ନାକୁ ଆସିଥିଲା । କିନ୍ତୁ ସେମାନଙ୍କ ସମ୍ପର୍କକୁ କେବଳ ଗୁଜବ ବୋଲି ବିବେଚନା କରାଯାଉଥିଲା ।

**ମୁଦସର ଅଜିଜ୍:** ଫିଲ୍ମ 'ଦୁଲ୍ହା ମିଲ୍ ଗୟା'ର ସୁଟିଂ ସମୟରେ ନିର୍ଦ୍ଦେଶକ ମୁଦସର ଅଜିଜଙ୍କ ସହ ସୁସ୍ମିତାଙ୍କ ଘନିଷ୍ଠତା ବଢିବାରେ ଲାଗିଲା । କୁହାଯାଏ ଯେ ସୁସ୍ମିତା ମୁଦସରଙ୍କ ପ୍ରେମରେ ଏତେ ପାଗଳ ଥିଲେ ଯେ ସେ ତାଙ୍କ ଘରେ ରହିବାକୁ ଲାଗିଲେ । ସେମାନଙ୍କର ମଧ୍ୟ ବ୍ରେକ୍ଅପ୍ ହୋଇଯାଇଥିଲା ।



**ୱାସୀମ୍ ଅକରମ୍:** ପାକିସ୍ତାନର ପ୍ରସିଦ୍ଧ ଖେଳାଳି ୱସୀମ୍ ଅକରମ୍ଙ୍କ ସହ ସୁସ୍ମିତାଙ୍କ ସମ୍ପର୍କର ଖବର ମଧ୍ୟ ଆସିଥିଲା । ଏକ ଟିଭି ଶୋ'ରେ ଉଭୟଙ୍କ ଘନିଷ୍ଠତା ବୃଦ୍ଧି ପାଇଥିଲା । କିନ୍ତୁ ସେମାନେ ନିଜ ସମ୍ପର୍କକୁ ନେଇ କେବେ ବି କିଛି କହି ନଥିଲେ । କୁହାଯାଏ ଯେ ଉଭୟ କିଛି ଦିନ ପାଇଁ ଏକାଠି ମଧ୍ୟ ଥିଲେ ।

**ରୋହମାନ ଶାଲ୍:** ପ୍ରାୟ ଦୁଇ ବର୍ଷ ଧରି ସୁସ୍ମିତା ସେନ୍ ଏବଂ ରୋହମାନ ଶାଲ୍ ପରସ୍ପରକୁ ଡେଟ୍ କରିଥିଲେ । ଉଭୟ ଏକାଠି ରହୁଥିଲେ ଏବଂ ସୁସ୍ମିତାଙ୍କ ଝିଅମାନଙ୍କ ସହ ରୋହମାନଙ୍କ ବଣ୍ଡିଂ ମଧ୍ୟ ବହୁତ ଭଲ । ଗତ ବର୍ଷ ଶେଷରେ ସୁସ୍ମିତା ଏକ ସୋସିଆଲ ମିଡିଆ ପୋଷ୍ଟରେ ସେମାନଙ୍କ ବ୍ରେକଅପ୍ ଘୋଷଣା କରିଥିଲେ । ତେବେ ଏବେ ମଧ୍ୟ ଉଭୟଙ୍କୁ ଏକାଠି ଦେଖାଯାଏ ।

**ଲଳିତ ମୋଦୀ:** ସୁସ୍ମିତାଙ୍କ ପ୍ରେମିକଙ୍କ ତାଲିକାର ଶେଷରେ ଲଳିତ ମୋଦୀଙ୍କ ନାମ ରହିଛି । ଲଳିତ ମୋଦୀଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟରୁ ସେମାନଙ୍କ ବିବାହର ଖବର ଚର୍ଚ୍ଚାକୁ ଆସିଥିଲା । କିନ୍ତୁ ପରେ ଜଣାଗଲା ଯେ ସେମାନେ ବିବାହ କରିବା ପରିବର୍ତ୍ତେ ପରସ୍ପର୍କୁ ଡେଟ୍ କରୁଛନ୍ତି । ଏହାକୁ ନେଇ ସୁସ୍ମିତା ମଧ୍ୟ ଅନେକ ଟ୍ରୋଲ୍ର ସମ୍ମୁଖୀନ ହୋଇଥିଲେ ।



# ଶୀତ ଋତୁରେ କେମିତି ନେବେ ଶରୀରର ଯତ୍ନ

ଶୀତଦିନେ ସମସ୍ତଙ୍କୁ ଟିକେ ବିଶେଷ ଧ୍ୟାନ ଦେବାକୁ ପଡ଼େ । କାରଣ ଶରୀର ଶୁଷ୍କ ହୋଇ ଫାଟିବା ସହ ଶରୀରର ଔଜଲ୍ୟ ମଧ୍ୟ କମିଯାଏ । ଶୀତଦିନ ଆସିଲେ ମହିଳାମାନେ ଟିକେ ଚିନ୍ତିତ ହୋଇପଡ଼ନ୍ତି । ଆଉ ଶରୀର ଗ୍ଲୋ କରିବ କି ନାହିଁ । ଏଥିପାଇଁ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ । ସେଥିପାଇଁ ଆପଣଙ୍କୁ କିଛି ଟିପ୍ସ ଦେଉଛୁ । ଦେଖିବେ ଆପଣଙ୍କ ଟେନସନ ଦୂର ହେବ ।





- ଶୀତଦିନେ ଶରୀର ପ୍ରାୟ ଡ୍ରାଏ ହୋଇଯାଏ । ତେଣୁ ଆପଣ ସ୍ନାନ କରିବା ସମୟରେ ତେଲର ପ୍ରୟୋଗ କରନ୍ତୁ । ତ୍ୱଚାର ରଙ୍ଗ ସଫା ତଥା ଶୁଷ୍କତା ଦୂର କରିବା ପାଇଁ କ୍ଷୀର ସରରେ ଅଳ୍ପ ଲେମ୍ବୁ ରସ ମିଶାଇ ମୁହଁ ତଥା ଶରୀରରେ ଲେପନ କରନ୍ତୁ ।
- ରାତିରେ ଶୋଇବା ପୂର୍ବରୁ ମୁହଁ ଭଲ ଭାବେ ଧୋଇ ହୋଇ ଓ ମୁହଁରେ ନାଇଟକ୍ରିମ ବ୍ୟବହାର କରିବା ସହ ଶରୀରରେ ମସ୍ଚରାଇଜରର ବ୍ୟବହାର କରନ୍ତୁ । ମୁହଁ ବ୍ୟତୀତ ହାତ ଓ ପାଦରେ ମଧ୍ୟ କ୍ଷୀର ସର ଲଗାନ୍ତୁ । କାରଣ ଏହା ପାଦକୁ ଫାଟିବାରୁ ରକ୍ଷା କରିଥାଏ । ଶୀତ ଋତୁରେ ରାସ୍ତାରେ ଧୂଳି, ମଳି ଖୁବ ଉଡ଼ିଥାଏ । ତେଣୁ ବାହାରକୁ ଆସିଲେ ସଙ୍ଗେ ସଙ୍ଗେ ପାଣିରେ ମୁହଁ ସଫା କରନ୍ତୁ ।
- ପ୍ରତିଦିନ ଗାଧୋଇବା ସମୟରେ ପାଣିରେ ଦୁଇ ଚାମଚ ନଡ଼ିଆ ତେଲ ପକାନ୍ତୁ । ତ୍ୱଚା କୋମଳ ରହିବ । ଆଉ ହଁ ମନେରଖନ୍ତୁ ଯେମିତି ଏହିଦିନେ ସାବୁନର ବ୍ୟବହାର କମ କଲେ ଭଲ ।
- ଶୀତ ଦିନରେ ବହୁତ ପ୍ରକାର ପନିପରିବା ଫସଲ ହୋଇଥାଏ । ସେଥିପାଇଁ ସବୁପ୍ରକାର ସବୁଜ ପନିପରିବା ଖାଇବା ସହ ପ୍ରଚୁର ପାଣି ପାଇଲେ । ଶରୀର ଔଜଲ୍ୟ ଦିଶେଛ ଭିଟାମିନ-ସି ଯୁକ୍ତ ଫଳ ମଧ୍ୟ ଶରୀର ପାଇଁ ବେଶ ଉପଯୋଗୀ ।
- ଶୀତଦିନେ ପ୍ରାୟ ମହିଳାଙ୍କର ଡ୍ରାଣ୍ଡରଫ ହୋଇ ହେୟାର ଫଲ ହୋଇଥାଏ । ସପ୍ତାହକୁ ଦୁଇଥର ଭଲଭାବେ ଅଏଲ ମସାଜ କରି ସାମ୍ପୁ କରନ୍ତୁ । ବଜାରରେ ଏବେ ଅନେକ ପାରାବିନ ଫ୍ରି ସାମ୍ପୁ ମିଳୁଛି । ପାରାବିନ ଫ୍ରି ସାମ୍ପୁ ହେୟାର ପାଇଁ ଭଲ । ଯଦି ଡାଣ୍ଡ ହେଉଛି ତେବେ ସପ୍ତାହକୁ ଦୁଇ ଥର ଲେମ୍ବୁ ରସ ଲଗାନ୍ତୁ । ଏହାକୁ ଡାଇରେକ୍ଟ ବ୍ୟବହାର ନ କରି ଏହାର ଜୁସ ଲଗାନ୍ତୁ । ଦେଖିବେ ଉପଶମ ମିଳିବ ।
- ଶୀତଦିନେ ପ୍ରାୟ ମହିଳାଙ୍କର ଗୋଡ ଫାଟେ । ସେଥିପାଇଁ ରାତିରେ ଏକ ଟବ୍ରେ ଉଷୁମ ପାଣି ନେଇ ସେଥିରେ ଲୁଣ ପକାଇ ପାଦକୁ କିଛି ସମୟ ବୁଡ଼ାଇକି ରଖନ୍ତୁ । ପାଦକୁ ଆରାମ ମିଳିବ । ଏହାପରେ ଏକ କଟନରେ ପାଦକୁ ପୋଛି ଗ୍ଲିସେରିନ କିମ୍ବା ଭେସଲିନ ଲଗାଇବାକୁ ଜମା ଭୂଲନ୍ତୁ ନାହିଁ । ପାଦ ନରମ ରହିବ । ବାହାରକୁ ଗଲେ ପାଦରେ ମୋଜା ଲଗାଇବାକୁ ଯେମିତି ଜମାବି ଭୂଲନ୍ତୁନି ।
- ଆଉ ଏକ ସମସ୍ୟା ହେଲା ଓଠ ଶୁଷ୍କ ହୋଇ ଫାଟିଯାଏ । ପ୍ରଚୁର ପାଣି ପିଇବା ସହ ରାତିରେ ଓଠରେ ଘରୋଇ ଉପାୟରେ ଘିଅକୁ ଉଷୁମ କରି ଲଗାନ୍ତୁ । ଦେଖିବେ ଓଠ ଏକଦମ କୋମଳ ରହିବ ।

# ସାପ୍ତାହିକ ରାଶିଫଳ

ଜ୍ୟୋତିର୍ବିଦ୍ୟା ପଣ୍ଡିତ ଗ୍ରହାଃଚାର୍ଯ୍ୟ
ଶ୍ରୀ ବ୍ରହ୍ମାନନ୍ଦ ନାୟକ
ଯୋଗାଯୋଗ–୯୯୩୭୬୭୨୭୦୨



**ମେଷ**: ୨୫ କର୍ମକ୍ଷେତ୍ରେ ହାନୀ, ଖର୍ଚ୍ଚାନ୍ତରେ ରହିବେ । ୨୬ କୌଣସି ପରିବର୍ତ୍ତନ ନାହିଁ । ୨୭ ଘାତବାର । ୨୮ ଓ ୨୯ ଯଥାକଥାରେ ସମୟ କଟିବ । ୩୦ ଓ ୩୧ ଗୃହ ଓ ବାହ୍ୟ ପରିସ୍ଥିତି ଆପଣଙ୍କ ପାଇଁ ଶୁଭପ୍ରଦ । ମହିଳାମାନେ ଗୃହକର୍ମେ ଆନନ୍ଦ ସହିତ ରତ୍ ରହିବେ । ବିଦ୍ୟାର୍ଥୀ ଶିକ୍ଷା ମାର୍ଗରେ ରହିବେ ।

**ବୃଷ**: ୨୫ ଆୟକ୍ଷେତ୍ରେ ଶୁଭ । ମନ ଭଲ ରହିବ । ୨୬ ଘାତବାର । ୨୭ ପୁରୁଷ ରାଶିକୁ ସମସ୍ତ କ୍ଷେତ୍ରେ ଶୁଭଫଳ । ମହିଳା ରାଶିକୁ ଘାତଚନ୍ଦ୍ର । ୨୮ ଓ ୨୯ କଲ୍ୟାଣୀଚନ୍ଦ୍ର ଯୋଗୁ କର୍ମକ୍ଷେତ୍ରେ, ବ୍ୟବସାୟକ୍ଷେତ୍ରେ ମଧ୍ୟମ ଫଳ ଦାୟକ । ୩୦ ଓ ୧ କର୍ମକ୍ଷେତ୍ରେ ଲାଭଦାକ । ମହିଳାମାନେ ଶରୀର କଷ୍ଟରେ ପୀଡ଼ିତ ରହିବେ ।

**ମିଥୁନ**: ୨୫ କାର୍ଯ୍ୟକଳାପରେ ସ୍ଥିର ରହିବେ । ୨୬ ଓ ୨୭ ଗୃହ ପରିସ୍ଥିତି ଭଲ ରହିବ । ଇଚ୍ଛାଗତ କାମରେ ମନ ଭଲ ରହିବ । ୨୮ ଓ ୨୯ କାର୍ଯ୍ୟହାନୀ, ଗୃହେ କଳହ, ପଥବନ୍ଧନ, ଖର୍ଚ୍ଚାନ୍ତ । ୩୦ ଓ ୧ କଲ୍ୟାଣୀଚନ୍ଦ୍ର ଯୋଗୁ ଯଥାକଥାରେ ସମୟ କଟିବ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।

**କର୍କଟ**: ୨୫ ଶରୀର କ୍ଲେଶ, ଶରୀର ପୀଡ଼ା । ୨୬ ଓ ୨୭ ମନ ଭଲ ରହିବ । କର୍ମକ୍ଷେତ୍ରେ ଲାଭବାନ ହେବେ । କିଛି ଅର୍ଥ ହାତକୁ ଆସିପାରେ । ୨୮ ଓ ୨୯ ଆୟକ୍ଷେତ୍ରେ, କର୍ମକ୍ଷେତ୍ରେ ରତ ରହିବେ । ୩୦ ଓ ୧ ଧନହାନୀ, କଳହ, ପଥବନ୍ଧନ । ମହିଳାମାନେ ସେବାରେ ଲିପ୍ତ ରହିବେ ।

**ସିଂହ**: ୨୫ କଳହ, ମାନହାନୀ, ଦୁଃଶ୍ଚିନ୍ତା । ୨୬ ଘାତବାର, ନିରବତା ଫଳ ଦାୟକ । ୨୭ କଲ୍ୟାଣୀଚନ୍ଦ୍ର ଯୋଗ ଯଥାକଥାରେ ସମୟ କଟିବ । ୨୮ ଓ ୨୯ କର୍ମକ୍ଷେତ୍ରେ ଲାଭଦାୟକ । ଯାତ୍ରାବିଧିକର ପାଇଁ ଶୁଭ । ୩୦ ଓ ୧ ଭାବିଥିବା କାମ କରିପାରନ୍ତି । ମହିଳାମାନେ ଗୃହଧନ୍ଦାରେ ରହିବେ ।

**କନ୍ୟା**: ୨୫ ବ୍ୟବସାୟ କ୍ଷେତ୍ରେ ଶୁଭ । ମନପ୍ରାଣ ପ୍ରତ୍ୟେକ କ୍ଷେତ୍ରେ ଭଲ ରହିବ। ୨୬ ଓ ୨୭ କିଛି ଅର୍ଥଲାଭର ସୁଯୋଗ ପାଇବେ । ୨୮ ଓ ୨୯ ପ୍ରତ୍ୟେକ କ୍ଷେତ୍ରେ ଭଲରେ କଟିବ । ୩୦ ଓ ୧ କିଛି ପରିବର୍ତ୍ତନ ନାହିଁ। ପୂର୍ବଫଳ ପ୍ରାପ୍ତ ହେବ । ମହିଳାମାନେ ନିଜ ନିଜ ଗୃହ କର୍ମରେ ରହିବେ ।

**ତୁଳା**: ୨୫ ଆପଣଙ୍କ ପାଇଁ ଶୁଭ ନୁହେଁ । ପ୍ରତ୍ୟେକ କାର୍ଯ୍ୟ କ୍ଷତିଗ୍ରସ୍ତ । ୨୬ ଘାତଚନ୍ଦ୍ର । ୨୭ ମନ ଶରୀର ଏବଂ କର୍ମକ୍ଷେତ୍ରେ ଭଲ ରହିବ । ଅର୍ଥଲାଭର ଯୋଗଅଛି । ୨୮ ଓ ୨୯ ରିଖଟି ଅପମାନିତ, କଳହ ସହିତ ଅଶାନ୍ତିରେ ରହିବେ । ମହିଳାମାନେ ପରିବାର ବର୍ଗେ ଖୁସିର ପାତ୍ର ହେବ ।

**ବିଛା**: ୨୫ କର୍ମେ ଅର୍ଥଲାଭ । ୨୬ ଓ ୨୭ କଲ୍ୟାଣୀଚନ୍ଦ୍ର ଯୋଗୁ ପ୍ରତ୍ୟେକ ଅଶାନ୍ତି ମାର୍ଗରୁ ଶାନ୍ତି । ୨୮ ଓ ୨୯ ରିଖ ଗୃହେ ଶୁଭ, ବାହ୍ୟସ୍ତରେ ସମ୍ମାନ କାର୍ଯ୍ୟକ୍ରମେ, ଶରୀର, ମନପ୍ରାଣ ଭଲ ରହିବ । ୩୦ ଓ ୧ କୌଣସି କାରଣରୁ ଝଗଡ଼ା, ଗାଳି, ଅନର୍ଥ । ମହିଳା ନିଜର ଦାୟିତ୍ୱ କାମକୁ ବଜାୟ ରଖିବେ ।

**ଧନୁ**: ୨୫ ବ୍ୟବସାୟକ୍ଷେତ୍ରେ ଜାଗ୍ରତ ରହିଲେ ସୁଧା କ୍ଷତିଗ୍ରସ୍ତ ଦେଖାଦେବ। ୨୬ ଓ ୨୭ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟରେ ସଫଳ ହେବେ । ୨୮ ଓ ୨୯ ଖର୍ଚ୍ଚାନ୍ତରେ ରହିବେ । ବନ୍ଧୁ ମିଳିନ ସହିତ ମନଭଲ ରହିବ । ୩୦ ଓ ୧ ଅର୍ଥଲାଭ । ମହିଳାମାନେ ଗୃହ କର୍ମରେ ରତ୍ ରହିବେ ।

**ମକର**: ୨୫ ବନ୍ଧୁ ସାହାଯ୍ୟ ପାଇବେ । ତୀର୍ଥ ଦର୍ଶନ ପାଇଁ ମନ ବଳାଇବେ । ୨୬ ଓ ୨୭ କଲ୍ୟାଣୀଚନ୍ଦ୍ର ଯୋଗୁ ସମୟ ପ୍ରତ୍ୟେକ କ୍ଷେତ୍ରେ ମଧ୍ୟମ ରହିବ । ୨୮ ଓ ୨୯ ଦୈନିକ କାର୍ଯ୍ୟକ୍ରମରେ ରତ୍ ରହିବେ । ମହିଳା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ଭାଳି ନେବେ। ଛାତ୍ରଛାତ୍ରୀଙ୍କ ପାଇଁ ଭଲ।

**କୁମ୍ଭ**: ୨୫ ଓ ୨୬ ରିଖ ପାରିବାରିକ ଶାନ୍ତିଭାବ । ବ୍ୟବସାୟ, କର୍ମକ୍ଷେତ୍ରେ ଲାଭଦାୟକ । ୨୭ ଓ ୨୮ ମନଟି ଆନନ୍ଦ ରହିବ । ୨୯ ବିଶେଷ କିଛି ପରିବର୍ତ୍ତନ ନାହିଁ । ଅର୍ଥବ୍ୟୟ ମନଦୁଃଖ, ୩୦ ଓ ୧ ଗୃହେ ଏବଂ ବାହ୍ୟସ୍ତରରେ ଶାନ୍ତିପୂର୍ଣ୍ଣ । ମହିଳାମାନେ ଆନନ୍ଦ ସହିତ ଗୃହକାର୍ଯ୍ୟକୁ ସମ୍ଭାଳି ନେବେ ।

**ମୀନ**: ୨୫ ଘାତବାର, ଯାତ୍ରାବିଧିକରଣକୁ ମନା । ଅନ୍ୟକ୍ଷେତ୍ରେ ଶୁଭ । ୨୬, ୨୭ ରିଖ ଗୁରୁଜନଙ୍କ ସ୍ୱାସ୍ଥ୍ୟଭଲ ରହିବ । ମନପ୍ରାଣ, ଶରୀର ଭଲ ରହିବ । ୨୮ ଓ ୨୯ ରିଖ ଆୟକ୍ଷେତ୍ରେ, ବ୍ୟବସାୟକ୍ଷେତ୍ରେ ମନସ୍ଥିର ରହିବ । ୩୦ ଓ ୧ ନିରବତା କୌଣସି ପରିବର୍ତ୍ତନ ନାହିଁ । ମହିଳା ଗୃହ କାମରେ ଲିପ୍ତ ରହିବେ ।

### ରାୟଗଡ଼ା ପ୍ରେସ୍ ୟୁନିୟନ୍ ସଂଘର ଛୋଟ ପ୍ରୟାସ

# ‘ଦମନ’ ଚଳଚ୍ଚିତ୍ର ଦେଖିଲେ ୫୦ ଅନ୍ତେବାସୀ

ରାୟଗଡା: ସମଗ୍ର ରାଜ୍ୟ ତଥା ଦେଶରେ ଏବେ ଚହଳ ପକାଇଛି ଓଡିଆ ଚଳଚ୍ଚିତ୍ର ‘ଦମନ’ । ନିକଟରେ ରିଲିଜ ହୋଇଥିବା ଓଡିଆ ଫିଲ୍ମ ‘ଦମନ’ମାଲକାନଗିରି ଭଳି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘନ ଅନ୍ଧକାର ଭିତରେ ଆଶାର ଏକ ଆଲୋକ ସଂଚାର କରିଛି । ଫିଲ୍ମଟି ବାସ୍ତବଧର୍ମୀ କାହାଣୀ ଆଉ କଥାବସ୍ତୁ, ଚିତ୍ରଣୀୟ, ପ୍ରତିଟି ଚରିତ୍ରର ଅଭିନୟ, ସଂପାଦନା ପ୍ରତିଟି ଦିଗରୁ ଅତି ସୁନ୍ଦର ହୋଇଛି । ଏହି ଚଳଚ୍ଚିତ୍ର ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଜନସେବା କ୍ଷେତ୍ରରେ ଏକ ପ୍ରେରଣାର ବାର୍ତ୍ତା ଦେଉଛି । ଏବେ ରାଜ୍ୟର ସମସ୍ତ ପ୍ରେକ୍ଷାଳୟରେ ଜମୁଛି ଦର୍ଶକଙ୍କ ଭିଡ ଏବଂ ଫିଲ୍ମଟି ସାଉଁଟିଛି ବେଶ୍ ପ୍ରଶଂସା । ଏପରିକି ସରକାରୀସ୍ତରରେ ମଧ୍ୟ ‘ଦମନ’କୁ ମିଳିଛି ପ୍ରୋତ୍ସାହନ । ନିକଟରେ ଏହି ସିନେମାକୁ ସଂପୂର୍ଣ୍ଣ କରମୁକ୍ତ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡିଆ ଫିଲ୍ମ ଜଗତର ସୁପରଷ୍ଟାର ଅଭିନେତା ବାବୁସାନ୍ ମହାନ୍ତିଙ୍କ ‘ଦମନ’ଚଳଚ୍ଚିତ୍ରରେ ଡାକ୍ତରଙ୍କ ଭୂମିକାରେ ଦମଦାର ଅଭିନୟ ସମସ୍ତଙ୍କୁ ବିମୁହିତ କରିପାରିଛି । ପ୍ରେକ୍ଷାଳୟଗୁଡିକରେ ଟିକଟ ମୂଲ୍ୟ ଅଧିକ ଥିବାରୁ ଏହାକୁ ଅସହାୟ ଗରିବ ଶିଶୁମାନେ ଦେଖିପାରୁ ନ ଥିବାରୁ ପ୍ରେସ ୟୁନିୟନ ରାୟଗଡା ଡିଷ୍ଟ୍ରିକ୍ ସାମ୍ବାଦିକ ସଂଘ ପକ୍ଷରୁ ଏକ ଛୋଟ ପ୍ରୟାସ କରାଯାଇଛି । ସଂଘ ସଭାପତି ସୁବାଷ ଚନ୍ଦ୍ର ସୂର୍ଯ୍ୟଙ୍କ ସମେତ ଉପଦେଷ୍ଟା ଶିବ ନାରାୟଣ ଗଉଡ, ବିଜୟ କୁମାର ମହାରଣା ଓ ଅନ୍ୟ ସଦସ୍ୟମାନେ ରାୟଗଡା ସହରର ରୟତ କଲୋନୀ ପ୍ରଥମ ଗଳିରେ ଥିବା ତିରୁପତି ନବଜୀବନ ସଂସ୍ଥାର ହଷ୍ଟେଲରେ ଅନ୍ତେବାସୀ ଭାବେ ରହୁଥିବା ୨୦ଜଣ ଗରିବ ଆଦିବାସୀ ଝିଅମାନଙ୍କୁ ସ୍ଥାନୀୟ ପିଏସଆର ସିନେମା ହଲରେ ମଙ୍ଗଳବାର ଦିନ ଫାଷ୍ଟ ଶୋ’ରେ ‘ଦମନ’ଚଳଚ୍ଚିତ୍ର ଦେଖିବାର ବ୍ୟବସ୍ଥା କରିଥିଲେ । ଝିଅମାନଙ୍କ ସମସ୍ତ ଟିକଟ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା । ସେହିପରି ଗତ ସୋମବାର ଦିନ ସେବା ସମାଜ ଯନ୍ ଅନୁଷ୍ଠାନର ୩୨ ଜଣ ଅନ୍ତେବାସୀଙ୍କ ସମେତ ୩ ଜଣ ଦାୟିଧାରି କର୍ମଚାରୀମାନେ ଗତକାଲି ସ୍ଥାନୀୟ ପି. ଏସ.ଆର ସିନେମା ହଲରେ ‘ଦମନ’ ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଇଥିଲେ । ଉକ୍ତ ଚଳଚ୍ଚିତ୍ରଟିରେ ଶିଶୁ ମାନଙ୍କ ନିମନ୍ତେ ଅନେକ ଶିକ୍ଷଣୀୟ ଓ ବାସ୍ତବ ଧର୍ମି ବିଷୟବସ୍ତୁ ଥିବାରୁ ଏଥିରେ ଶିଶୁମାନେ ପ୍ରଭାବିତ ହୋଇ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ଆଶା ରଖି ପ୍ରେସ୍ ୟୁନିଅନ ରାୟଗଡ଼ା ଜିଲ୍ଲା ତରଫରୁ ଶିଶୁମାନଙ୍କ ନିମନ୍ତେ ସମସ୍ତ ସହାୟତା ଯୋଗାଇ ଦିଆଯାଇଥିଲା । ଏଥିପାଇଁ ସେବା ସମାଜ ତରଫରୁ ‘ପ୍ରେସ ୟୁନିୟନ ରାୟଗଡ଼ା ଜିଲ୍ଲା’ର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ପ୍ରେସ୍ ୟୁନିୟନ୍ ରାୟଗଡା ଡିଷ୍ଟିକ୍ ସଂଘର ଏହି ଛୋଟ ପ୍ରୟାସ ରାୟଗଡାର ବିଭିନ୍ନ ମହଲରେ ପ୍ରଶଂସା ସାଉଁଟିଛି ।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ କଲେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ


ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ଲକ୍ଷ ଲକ୍ଷ ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କରିଥିବା ଘୋଷଣାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ସ୍ୱାଗତ ତଥା ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସଂଘର ସଭାପତି ବିଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏକ ୧୨ ଦଫା ସମ୍ବଳିତ ଦାବିପତ୍ର ଦେଇ ବିଭିନ୍ନ ଦାବି ସମ୍ପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ପୁତ୍ର କନ୍ୟାମାନଙ୍କୁ ଛାତ୍ରବୃତ୍ତି ଦେବା, ସେମାନଙ୍କୁ ବୋନସ୍ ଓ ପ୍ରୋତ୍ସାହନ ବାବଦରେ ପ୍ରଥମ ପର୍ଯ୍ୟାୟରେ ତୋଳାଳୀ ମାନଙ୍କୁ ୧୦୦୦ ଟଙ୍କା ସହାୟତା ଦେବା ଓ ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କୁ ୧୫୦୦ଟଙ୍କା ସହାୟତା ଦେବା ଘୋଷଣା, ସମସ୍ତ ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀ ମାନଙ୍କର ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସର୍କଲ ଚେକରମାନଙ୍କର ଗ୍ରାଚୁଇଟି ବାବଦକୁ ବର୍ଷକୁ ୭ ଦିନ ପରିବର୍ତ୍ତେ ୧୫ ଦିନ ଗ୍ରାଚୁଇଟି ପ୍ରଦାନ କରିବା ଘୋଷଣା, ସମସ୍ତ ତୋଳାଳୀ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ଘୋଷଣା ଅନ୍ତର୍ଭୁକ୍ତ ହୋଇଛି । ଏହି ସବୁ ଘୋଷଣା କେନ୍ଦୁପତ୍ର ସଂସ୍ଥାର ସମସ୍ତ ଶ୍ରମିକ ମାନଙ୍କର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସହାୟକ ହେବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି । ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗ ହେଲା–କେନ୍ଦୁପତ୍ର ଉପରେ କେନ୍ଦ୍ର ସରକାର ଜିଏସ୍‌ଟି ଲାଗୁ ହୋଇଥିବା ସଙ୍ଘର ଦାବିପ୍ରତି ମୁଖ୍ୟମନ୍ତ୍ରୀ ଖୁବ୍ ଗୁରୁତ୍ୱ ଦେଇଛନ୍ତି । କେନ୍ଦୁପତ୍ର ଉପରେ ଜିଏସ୍‌ଟି ଲାଗୁ ଥିବାରୁ କେନ୍ଦୁପତ୍ରର ବିକ୍ରିମୂଲ୍ୟ ହ୍ରାସହୋଇ ଲାଭର ପରିମାଣ କମିଯାଉଥିବାରୁ ଏଥିରେ କାର୍ଯ୍ୟରତ ଆଦିବାସୀ ମହିଳା ତଥା ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ କ୍ଷତିଗ୍ରସ୍ତ ହେଉଥିବା ମୁଖ୍ୟମନ୍ତ୍ରୀ ଉପଲବ୍ଧି କରି କେନ୍ଦ୍ର ସରକାରଙ୍କୁ ପୁନର୍ବାର ଚିଠିଦେବା ଓ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିବେ ବୋଲି ଘୋଷଣାରେ ସ୍ପଷ୍ଟ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ସଂଘ ପକ୍ଷରୁ ଆହୁରି ସ୍ୱାଗତ କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ସଂଘ ଆନ୍ଦୋଳନ କରି ଆସୁଛି । ମୁଖ୍ୟମନ୍ତ୍ରୀ ଏଥିପାଇଁ ଚାପ ସୃଷ୍ଟି କରିବା ଏକ ଆଶାର ସଞ୍ଚାର ସୃଷ୍ଟି କରିଛି । ନଚେତ୍ ସଂଘ ମଧ୍ୟ ଆଗାମୀ ଦିନରେ ଆନ୍ଦୋଳନ ଜାରି ରଖିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି ।

ସର୍ବୋପରି ଆଜିର ଘୋଷଣା ରାଜ୍ୟରେ ଲକ୍ଷ ଲକ୍ଷ ଆଦିବାସୀ ଶ୍ରେଣୀ ମହିଳା ତଥା ଅନ୍ୟାନ୍ୟ ଶ୍ରମିକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ସୃଷ୍ଟି କରିଛି । ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆଉ ଯେଉଁସବୁ ଦାବି ଅପୂରଣୀୟ ରହିଲା ସେ ସବୁ ଆଗାମୀ ଦିନରେ ଖୁବ ଶୀଘ୍ର ଉପସ୍ଥାପନ କରିବେ ବୋଲି ମହାନ୍ତି ତାଙ୍କ ବକ୍ତବ୍ୟରେ କହିଛନ୍ତି ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧାପକ ପ୍ରମୋଦ କୁମାର ରଥ।



## Correction of Errors

Wrong : He joined Army last year.
Right : He joined the Army last year.
Wrong : David has helped me to learn this subject.
Right : David has helped me learn this subject.
Wrong : Seventy students are in our class.
Right : There are seventy students in our class.
Wrong : We shall provide you new tools.
Right : We shall provide you with new tools.
Wrong : Ravi and Navi met with each other for the first time.
Right : Ravi and Navi met each other for the first time.
Wrong : Since long have you waited here?
Right : How long have you waited here?
Wrong : This landed property is belonging to his brother.
Right : This landed property belongs to his brother.
Wrong : The batsman is batting from the very beginning of the match.
Right : The batsman has been batting from the beginning of the match.
Wrong : I stopped there in a snowy evening.
Right : I stopped there on a snowy evening.
Wrong : It is not cold outside. You mustn't wear a cold-proof jacket.
Right : It's not cold outside. You needn't wear a cold-proof jacket.

# ପୋଷ୍ୟସନ୍ତାନ ଗ୍ରହଣ ଅଧିନିୟମ ସଂକ୍ରାନ୍ତୀୟ ଜନସଚେତନତା କାର୍ଯ୍ୟକ୍ରମ

ରାୟଗଡା: ଦେଶବ୍ୟାପୀ ପୋଷ୍ୟସନ୍ତାନ ଗ୍ରହଣମାସ ପାଳନ ଅବସରରେ ରାୟଗଡା ଜିଲ୍ଲା ପ୍ରଶାସନ ଅଧିନସ୍ଥ ଜିଲ୍ଲା ଶିଶୁସୁରକ୍ଷା ୟୁନିଟ୍ ତରଫରୁ ସ୍ଥାନୀୟ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ପୋଷ୍ୟସନ୍ତାନ ଗ୍ରହଣ ଅଧିନିୟମ ସଂକ୍ରାନ୍ତ ତାଲିମ ତଥା ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଓ ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନ୍ୟତମ ଅତିଥିଭାବେ ଶ୍ରୀ ଲକ୍ଷ୍ମୀନାରାୟଣ ସାବତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ରମେଶଚନ୍ଦ୍ର ନାୟକ ତାଲିମର ଉଦ୍ଦେଶ୍ୟ ବିଷୟରେ କହିବାକୁ ଯାଇ କହିଥିଲେ ଯେ ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଶିଶୁ ମାନଙ୍କପାଇଁ ସୁରକ୍ଷିତ ପରିବେଶ ନିଶ୍ଚିତ କରିବା ସହିତ ଏକ ଶିଶୁବନ୍ଧୁ ଜିଲ୍ଲାଭାବେ ଗଢି ତୋଳିବା ନିମନ୍ତେ ପ୍ରଚେଷ୍ଟା ଅଭିଯାନ ମାଧ୍ୟମରେ ବିଭିନ୍ନ ବିଭାଗ ଜରିଆରେ ସମନ୍ୱୟ ବଜାୟ ରଖି ବିଭିନ୍ନ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇଛି । ପୋଷ୍ୟସନ୍ତାନ ଗ୍ରହଣ ସମ୍ବନ୍ଧରେ ମଧ ବୁଝିବାକୁ ହେବ । କାରଣ ହୁଏତ ଆଗାମୀ ଦିନରେ ଆମ ନଜରକୁ ପରିତ୍ୟକ୍ତ ଅବସ୍ଥାରେ ଗୋଟିଏ ଶିଶୁ ଆସିପାରେ । ସେହିଭଳି ସ୍ଥିତିରେ ଶିଶୁମାନଙ୍କୁ ଆମେ ଉପଯୁକ୍ତ ସହଯୋଗ କରିବାକୁ ହେବ ଯେପରିକି ପ୍ରଥମେ ପୋଲିସ ୧୧୨କୁ ଜଣାଇବା,ତାପରେ ୧୦୯୮ ନମ୍ବରରେ ଫୋନ କରି ଚାଇଲ୍ଡଲାଇନକୁ ଜଣାଇବା ଆବଶ୍ୟକ । ପୋଲିସ ବା ଚାଇଲ୍ଡ ଲାଇନ ଏହି ଖବର ପାଇଲାପରେ ସେହିଶିଶୁକୁ ଶିଶୁମଙ୍ଗଳ ସମିତିରେ ହାଜର କରାଇବା ପରେ ଶିଶୁକୁ ଉପଯୁକ୍ତ ସହଯୋଗ କରାଯାଇ ପାରିବ । ତେଣୁ ଯେ କେହି ଏହିଭଳି ଘଟଣା ଦେଖିଲେ ତୁରନ୍ତ ପୋଲିସ ଓ ଚାଇଲ୍ଡ ଲାଇନକୁ ଜଣାଇ ପାରିବେ । ସାରା ଦେଶରେ ବର୍ତ୍ତମାନ ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ମାସ ଚାଲୁ ରହିଛି ଏହି ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ନିଜ ଦାୟିତ୍ୱ ଅନୁସାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ଥାନା ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ନାଗରିକ ପାଖରେ ସଚେତନତା ପହଞ୍ଚାଇବା ଲକ୍ଷ୍ୟ ରଖି ଏହି ତାଲିମର ଆୟୋଜନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଏଜେନ୍ସିର କାର୍ଯ୍ୟକ୍ରମ ପରିଚାଳକ ଅମରେଶ ଜାଲି ଓ ରାୟଗଡା ଆଇଡିଏସ ସଂସ୍ଥାର ସମ୍ପାଦକ ଦେବେନ୍ଦ୍ର କୁମାର ବେହେରା, ଯୁଗ୍ମ ରିସୋର୍ସ ପର୍ସନ ଭାବେ ଯୋଗଦେଇ ପୋଷ୍ୟସନ୍ତାନ ଗ୍ରହଣ ଅଧିନିୟମ ବିଷୟରେ ଆଲୋଚନା କରି କହିଥିଲେ ଯେ, ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ କରିଥିଲେ ଉଭୟ ଅଭିଭାବକ ଓ ଶିଶୁ ମାନଙ୍କ ପାଇଁ ନିରାପଦ ହୋଇଥାଏ ଯଦି ଆଇନ ଅନୁସାରେ ପୋଷ୍ୟ ସନ୍ତାନ ଗ୍ରହଣ କରି ନଥାନ୍ତି ତେବେ ଭବିଷ୍ୟତରେ ଦଣ୍ଡ ପାଇବାର ସମ୍ଭାବନା ରହିଛି । ଯଦି କିଏ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଚାହୁଁଥାନ୍ତି ତେବେ ସେମାନେ **ww.cara.nic.in** ମାଧ୍ୟମରେ ଆବେଦନ କରିପାରିବେ । ନଚେତ ସେମାନେ ଜିଲ୍ଲା ଶିଶୁସୁରକ୍ଷା ୟୁନିଟ ସହିତ ଯୋଗାଯୋଗ କରି ଅନଲାଇନ ମାଧ୍ୟମରେ ଆବେଦନ କରି ପାରିବେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ରାଜକିଶୋର ସାହୁ, ଆକ୍ସନ ଏଡ ୟୁନିସେଫର ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ, ଅରୁଣା ଓ ସିଆର ଏସର ପରାମର୍ଶଦାତା ପ୍ରମୋଦ କୁମାର ନାୟକ,ସମନ୍ୱିତ ଶିଶୁବିକାଶ ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମଞ୍ଜରୀ ପାଢୀ, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଏସଏଏ ଏବଂ ଚାଇଲ୍ଡଲାଇନର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

# ସମ୍ବଲପୁର ଆରଡିସି ଅଧିନକୁ ଗଲା ବୌଦ୍ଧ ଜିଲ୍ଲା

ବୌଦ୍ଧ: ବୌଦ୍ଧ ଜିଲ୍ଲାବାସୀଙ୍କ ପାଇଁ ଖୁସିର ଦିନ । ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି ରାଜ୍ୟ ସରକାର । ସମ୍ବଲପୁର ଆରଡିସି ଅଧିନକୁ ଆସିଲା ବୌଦ୍ଧଜିଲ୍ଲା । ବହୁଦିନରର ଦାବିକୁ ପୂରଣ କଲେ ରାଜ୍ୟ ସରକାର । ରାଜ୍ୟ ସରକାର ସମସ୍ତ ଆରଡିସିରେ ପରିବର୍ତ୍ତନ କରିଛନ୍ତି । ବୌଦ୍ଧ ଜିଲାକୁ ବ୍ରହ୍ମପୁର ଅଧିନରୁ କାଢ଼ି ଦିଆଯାଇ ସମ୍ବଲପୁର ଆରଡିସି ଅଧିନକୁ ନିଆଯାଇଛି । ବୌଦ୍ଧ ଜିଲାର ଓକିଲ ସଂଘ, ଜିଲ୍ଲା ସାମ୍ବାଦିକସଂଘ, ନାଗରିକ କମିଟି ତଥା ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ, ରାଜନୈତିକ ଦଳ ପକ୍ଷରୁ ଏନେଇ ଜିଲ୍ଲା ଗଠନ ପରଠାରୁ ଦାବି ହୋଇଆସୁଥିଲା । ଏହି ଖବର ଜଣାପଡିବା ପରେ ଜିଲ୍ଲାରେ ଖୁସିର ଲହରି ଖେଳିଯିବା ସହିତ ବିଜୁ ଜନତା ଦଳ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର୍ ଅମାତଙ୍କ ବାସଗୃହ ଯାଇ ମନ୍ତ୍ରୀ ଅମାତଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହା ସହିତ ଦଳ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ବୌଦ୍ଧ ଜିଲ୍ଲାର ଲୋକମାନେ ଟିକିଏ କଥାରେ ବ୍ରହ୍ମପୁର ଦୌଡୁ ଥିଲେ । ଯାହାକି ବହୁତ ହିନସ୍ଥା ହେବାରେ ଦେଖାଯାଉଥିଲା । ଜିଲ୍ଲା ଗଠନ ଠାରୁ ଓକିଲ ସଂଘଠାରୁ ଆରମ୍ଭ କରି ସାମ୍ବାଦିକ ସଙ୍ଘ, ତଥା ବୌଧ ଜିଲ୍ଲାର ପ୍ରତ୍ୟେକ ନାଗରିକ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ । ଦୀର୍ଘ ବର୍ଷ ପରେ ରାଜ୍ୟ ସରକାର ବୌଧ ବାସୀଙ୍କର ଦାବିକୁ ପୁରଣ କରିଛନ୍ତି ।

# ରାୟଗଡାରେ ପୁଣି ଜନନୀ ଜନ୍ତ୍ରଣା

ଟିକିରି/ରାୟଗଡା: ଆଜି ବି ରାଜ୍ୟର ବିଭିନ୍ନ ଦୁର୍ଗମ ଅଞ୍ଚଳର ଗ୍ରାମ ଗୁଡିକରେ ରାସ୍ତାଟିଏ ହୋଇପାରୁ ନାହିଁ । ଯାହା ଫଳରେ କେବେ ଜନନୀ ଯନ୍ତ୍ରଣା ତ ଆଉ କେବେ ବୃଦ୍ଧ ବୃଦ୍ଧାମାନେ ଅସୁସ୍ଥ ହେଲେ କେବେ ଖଟିଆ ତ ଆଉ କେବେ ଚୋଉକିରେ ବୁହା ହେଉଛନ୍ତି । ଠିକ୍ ସେହିପରି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ଟିକିରି ଅଞ୍ଚଳରେ । ୧୦୮କୁ ଫୋନ୍ ଆସିଲା ଯେ ପ୍ରସବ ବେଦନାରେ ଜଣେ ଗର୍ଭବତୀ ଛଟପଟ ହେଉଛନ୍ତି । ଉକ୍ତ ଅଞ୍ଚଳଟି ରାୟଗଡା ଓ କଳାହାଣ୍ଡି ଜିଲ୍ଲା ଥୁଆମୂଳବ୍ଲକ୍ର ନିକଟବର୍ତ୍ତୀ ହୋଇଥିବାରୁ ରାମପୁର ବ୍ଲକ୍ ୧୦୮କୁ ଫୋନ୍ କରିଥିଲେ । କିନ୍ତୁ ଗାଡି ଖାଲିନଥିବାରୁ ସିମାନ୍ତ ରାୟଗଡା ଜିଲ୍ଲା କାଶିପୁର ବ୍ଲକର ୧୦୮କୁ ଫୋନ କରିଥିଲେ । ଡ୍ରାଇଭର ଫୋନ୍ ପାଇବା ପରେ ବାହାରିପଡିଲେ । ସୁଙ୍ଗେର ଦେଇ ପହଞ୍ଚିଲେ କଳାହାଣ୍ଡି ଜିଲା ରାମପୁର ବ୍ଲକ ସିଲେଟ ପଞ୍ଚାୟତ ଅନ୍ତର୍ଗତ ଡାଣ୍ଡପଦର ଗ୍ରାମରେ । ଗାଁକୁ ରାସ୍ତା ନଥିବାରୁ ୬ କିମ ରାସ୍ତା ଚାଲିକି ଯାଇଥିଲେ । ଯାହାକୁ ଦେଖିଲେ ହୃଦୟ ବିଦାରକ ଦୃଶ୍ୟ । ଉକ୍ତ ଗ୍ରାମର ଦାନସିଂ ମାଝୀଙ୍କ ସ୍ତ୍ରୀ ଜିବନ ଦେଇ ମାଝୀଙ୍କର ପୁତ୍ର ସନ୍ତାନ ଟିଏ ଜନ୍ମହୋଇ ମୃତ୍ୟୁ ଘଟିଛି । ଅତ୍ୟଧିକ ରକ୍ତସ୍ରାବ ହୋଇ ଅଚେତ ଅବସ୍ଥାରେ ପଡିରହିଥିଲେ । ୧୦୮ ଡ୍ରାଇଭର ନିଜେ ସେହି ଗ୍ରାମର କିଛି ଲୋକଙ୍କୁ ୩୦୦ଟଙ୍କା ଖର୍ଚ୍ଚଦେଇ ସେଠାରୁ ୬ କିମ ରାସ୍ତା ଆମ୍ବୁଲାନ୍ସ ନିକଟକୁ ଆଣି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କଲେ । ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିସ୍ଚାଳୟକୁ ପଠାଇ ଦିଆଯାଇଛି । ପୁର୍ବରୁ ମଧ ଏପରି ଅନେକ ଥର ଦୁର୍ଗମ ଅଞ୍ଚଳରୁ ରୋଗିଙ୍କୁ ଷ୍ଟ୍ରେଚର୍‌ରେ ବୁହା ହେବାର ଦୃଶ୍ୟ ଗଣମାଧ୍ୟମ ଜରିଆରେ ପ୍ରଚାରିତ ହୋଇଥିଲେବି ଏ ପର୍ଯ୍ୟନ୍ତ ଏହାର କୌଣସି ପ୍ରତିକାର ହୋଇପାରିନାହିଁ । ଆଦିବାସି ଅଧୁସିତ ଅଞ୍ଚଳ ମାନଙ୍କରେ ରାସ୍ତା ଘାଟର ସମସ୍ୟା ରହିଥିବାରୁ ନିରୀହ ଆଦିବାସୀମାନେ ବହୁତ ହଇରାଣ ହରକତ ହେଉଥିବାର ଦେଖିବାକୁ ମିଳୁଛି । ଯେଉଁ ଏରିଆ ମାନଙ୍କରେ ଲୋକମାନେ ଆଗକୁ ବାହାରି ହୋହାଲ୍ଲା କରିପାରୁଛନ୍ତି ସେହି ଏରିଆ ମାନଙ୍କରେ ରାସ୍ତାଘଟ, ସ୍ୱାସ୍ଥ୍ୟ, ଶିକ୍ଷା, ସବୁରେ ଉନ୍ନତି ହେଉଛି । ଯେଉଁ ଏରିଆ ମାନଙ୍କରେ ଅର୍ଥାତ ନିରୀହ ଆଦିବାସୀ ମାନେ କାହାରିକୁ କିଛି କହିପାରୁ ନାହାନ୍ତି ସେହିମାନେ ପୁରାପୁରି ପଛରେ ପଡିଥିବାରେ ଦେଖିବାକୁ ମିଳିଛି । ଯେଉଁମାନେ ଆଗକୁ ବାହାରି କହୁଛନ୍ତି ଗୋଟାଏ ଦେଶୀ ମଦ ପାଉଚ ଯଥେଷ୍ଟ । ସରକାରଙ୍କ ଏଭଳି ନୀତି ଓ ଆଦର୍ଶକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି । ଜଙ୍ଗଲରେ ବସବାସ କରୁଥିବା ନିରୀହ ଆଦିବାସୀ ମାନେ କିଛି ଜାଣିପାରୁନାହାନ୍ତି । ତେଣୁ ସେମାନେ ସହର ଠାରୁ ବହୁତ ପଛରେ ପଡିଛନ୍ତି । ସରପଞ୍ଚ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀ ପର୍ଯ୍ୟନ୍ତ ଖାଲି ଖାଇବାରେ ବ୍ୟସ୍ତ । ଖାଲି କାଗଜ କଲମରେ ଚାଲିଛି ସରକାରୀ କାର୍ଯ୍ୟ ।

# ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ତୋରଣ ନିର୍ମାଣର ପ୍ରସ୍ତୁତି ପୂଜା ଆରମ୍ଭ

କଟକ/ସାଲେପୁର: କଟକ ଜିଲ୍ଲାର ସାଲେପୁର ବ୍ଲକ୍ ଅନ୍ତର୍ଗତ ପୂର୍ବକ । ଗ୍ରାମରେ ଥିବା ବହୁ ପୁରାତନ ଲକ୍ଷ୍ମୀନୃସିଂହ ମନ୍ଦିରର ସ୍ୱାଗତ ତୋରଣ ନିର୍ମାଣର ପ୍ରସ୍ତୁତି ପୂଜା ଆରମ୍ଭ ହେଇଯାଇଛି । ପ୍ରଥମେ ଶ୍ରୀ ଶ୍ରୀ ଲାକ୍ଷ୍ମୀନୃସିଂହ ମନ୍ଦିରରୁ ଆଜ୍ଞାମାଳ ପୂଜାର୍ଚ୍ଚନା ହୋଇ ଏକ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ତୋରଣ ନିର୍ମାଣ ସ୍ଥାନ ନୃସିଂହ ଠାରେ ପହଁଚିଲା ପରେ ସେଠାରେ ବସ୍ତୁପୂଜା ଓ ହୋମଯଜ୍ଞ ସମ୍ପର୍ଣ୍ଣ କରାଯାଇଥିଲା । ଏହି ଯଜ୍ଞରେ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମହାପ୍ରଭୁ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ କର୍ତ୍ତା ସ୍ୱରୂପ କାର୍ଯ୍ୟ ସମ୍ପାଦନ କରିଥିଲେ,ଏହି ସମସ୍ତ କାର୍ଯ୍ୟ ମଧକଚ୍ଛ ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ବେହୁରାଙ୍କ ତତ୍ତ୍ୱାବଧାନରେ ହେଇଥିଲା । ଏହି ପୂଜନ କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ସଭ୍ୟ,ସମସ୍ତ ଗ୍ରାମ ପଞ୍ଚାୟତ ମାନଙ୍କ ସରପଞ୍ଚ, ଏବଂ ବହୁ ସଂଖ୍ୟାରେ ଗ୍ରାମର ଶ୍ରଦ୍ଧାଳୁ ଭକ୍ତ ଓ ମାଭଉଣୀ ମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୧୬,୮୦୦ କୋଟିର...

ବାବଦରେ ୩୯ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୦୧ କୋଟି, ମୋ ସ୍କୁଲ୍ ଅଭିଯାନ ପାଇଁ ୩୦୬ କୋଟି, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ୫୦ କୋଟି, ବେସରକାରୀ କଲେଜଗୁଡ଼ିକୁ ଅନୁଦାନ ପାଇଁ ୧୩୫ କୋଟି, ଉଚ୍ଚଶିକ୍ଷା ବୃତ୍ତି ପାଇଁ ୨୬ କୋଟି, କ୍ରୀଡ଼ା ଭିତ୍ତିଭୂମି ବିକାଶ ଓ ପରିଚାଳନା ପାଇଁ ୫୦୮ କୋଟି ଏବଂ ଓଡ଼ିଶା ରାଜ୍ୟ ସ୍ୱୟଂନିଯୁକ୍ତି ମିଶନ ପାଇଁ ୨୫ କୋଟି ବ୍ୟୟବରାଦ କରାଯାଇଛି । ପାନୀୟ ଜଳ ଓ ଗ୍ରାମ୍ୟ ଭିତ୍ତିଭୂମି ବିକାଶ ପାଇଁ ୫୫୨ କୋଟି ବ୍ୟୟବରାଦ କରାଯାଇଛି । ସ୍ମାର୍ଟ ସିଟି ପାଇଁ ୨୯୬ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୩୩ କୋଟି ବ୍ୟୟବରାଦ କରାଯାଇଛି । ଶକ୍ତି, ସୂଚନା ପ୍ରଯୁକ୍ତି , ବାଣିଜ୍ୟ, ପରିବହନ ଏବଂ ଅନୁସନ୍ଧାନ ଓ ବିକାଶ ପାଇଁ ୩୮୮ କୋଟି, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ୧୨୮ କୋଟି ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ୨୦୦କୋଟି ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ବାବଦ ଅର୍ଥର ବ୍ୟବସ୍ଥା ଏହି ଅତିରିକ୍ତ ବଜେଟରେ କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୫୫୦କୋଟି ଟଙ୍କା, ପର୍ଯ୍ୟଟନର ପ୍ରଚାର ପ୍ରସାର ଓ ପର୍ଯ୍ୟଟକଙ୍କ ସୂଚନା ପାଇଁ ୯୯କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସେହିପରି ଟଙ୍କିକିଆ ଚାଉଳ ବାବଦରେ ୧୬୪ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ୯୧କୋଟି, ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଅନୁଦାନ ପାଇଁ ୫୩ କୋଟି, ସ୍କୁଲ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ୧୭୩ କୋଟି, ପରୀକ୍ଷା ପରିଚାଳନା ପାଇଁ ଓଡ଼ିଶା ଲୋକସେବା ଆୟୋଗ ଓ ଷ୍ଟାଫ୍ ସିଲେକ୍ସନ ଆୟୋଗ ଲାଗି ୧୯କୋଟି, ମାଧ୍ୟମିକ ଶିକ୍ଷା ବୋର୍ଡକୁ ୧୨କୋଟି ଅନୁଦାନ, ମେଡିକାଲ ଶିକ୍ଷା, ଗବେଷଣା ଓ ତାଲିମ ପାଇଁ ୫୨କୋଟି ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ପାଇଁ ୬୩୮କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ୫୧କୋଟି, ମିଶନ ଶକ୍ତିର ସମ୍ବଳ କାର୍ଯ୍ୟକ୍ରମ ପାଇଁ ୩୩କୋଟି, ଅଙ୍ଗନୱାଡି ଓ ପୋଷଣ–୨.୦ ପାଇଁ ୨୭ କୋଟି, ଆଇସିଡିଏସ୍ ଯୋଜନାରେ ଅଙ୍ଗନୱାଡି କର୍ମୀ ଓ ସହାୟକଙ୍କ ଭତ୍ତା ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ନୂଆ ଗ୍ୟାସ୍ ସଂଯୋଗ ପାଇଁ ୬୦କୋଟି, ଆଶୀର୍ବାଦ ଯୋଜନା ପାଇଁ ୧୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗ ବିଭାଗ ପାଇଁ ମୋଟ ୪୩୮କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସହରୀ ପରିମଳ ପାଇଁ ୩୩୭ କୋଟି, ସ୍ମାର୍ଟସିଟି ଯୋଜନାରେ ୨୯୬ କୋଟି, ଛୋଟ ବନ୍ଦର ବିକାଶ ପାଇଁ ୨କୋଟି, ବସ୍ ଟର୍ମିନାଲ ବିକାଶ ପାଇଁ ୧୮୮କୋଟି ଟଙ୍କା ବ୍ୟୟବରାଦ ହୋଇଛି । ତେବେ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ଆଦାୟ ଗତ ବର୍ଷ ତୁଳନାରେ ୧୩% ଅଭିବୃଦ୍ଧି ହୋଇଛି । ସେହିପରି ପ୍ରଥମ ୬ ମାସ ମଧ୍ୟରେ ରାଜ୍ୟର ସାମଗ୍ରିକ ବ୍ୟୟ ଗତ ବର୍ଷ ତୁଳନାରେ ୮% ଅଧିକ ହୋଇଛି । ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟର ଋଣ ଭାର ସାମଗ୍ରିକ ଘରୋଇ ଉତ୍ପାଦର ୧୨% ରହିଛି । ସୁଧ ଦେୟ ଓ ରାଜସ୍ୱ ଆୟ ଅନୁପାତ ୨.୮ ପ୍ରତିଶତ ରହିଛି । ଏହି ଅତିରିକ୍ତ ବ୍ୟୟବରାଦ ସତ୍ତ୍ୱେ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବ । ପୁଞ୍ଜି ଖର୍ଚ୍ଚକୁ ଜିଏସ୍ଡିପିର ୫% ସ୍ତରରେ ବଜାୟ ରଖିବାକୁ ବଜେଟରେ ଆକଳନ କରାଯାଇଛି । ତେବେ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ଆଦାୟ ଗତ ବର୍ଷ ତୁଳନାରେ ୧୩% ଅଭିବୃଦ୍ଧି ହୋଇଛି । ସେହିପରି ପ୍ରଥମ ୬ ମାସ ମଧ୍ୟରେ ରାଜ୍ୟର ସାମଗ୍ରିକ ବ୍ୟୟ ଗତ ବର୍ଷ ତୁଳନାରେ ୮% ଅଧିକ ହୋଇଛି । ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟର ଋଣ ଭାର ସାମଗ୍ରିକ ଘରୋଇ ଉତ୍ପାଦର ୧୨% ରହିଛି । ସୁଧ ଦେୟ ଓ ରାଜସ୍ୱ ଆୟ ଅନୁପାତ ୨.୮ ପ୍ରତିଶତ ରହିଛି । ଏହି ଅତିରିକ୍ତ ବ୍ୟୟବରାଦ ସତ୍ତ୍ୱେ ରାଜସ୍ୱ ବଳକା ସ୍ଥିତି ବଜାୟ ରହିବ । ପୁଞ୍ଜି ଖର୍ଚ୍ଚକୁ ଜିଏସ୍ଡିପିର ୫% ସ୍ତରରେ ବଜାୟ ରଖିବାକୁ ବଜେଟରେ ଆକଳନ କରାଯାଇଛି ।

**ଅତିରିକ୍ତ ବଜେଟ୍ ବ୍ୟୟବରାଦ(କୋଟିରେ)**
**ପ୍ରଶାସନିକ ବ୍ୟୟ ୪,୯୩୪**
**କାର୍ଯ୍ୟକ୍ରମ ବ୍ୟୟ ୯,୨୦୦**
**ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ୨,୬୧୦.୪୬**
**ରାଜ୍ୟ ବଜେଟରୁ ସ୍ଥାନାନ୍ତର ୫୫.୫୪**
**ମୋଟ–୧୬,୮୦୦ କୋଟି**

### ଶିଶୁଙ୍କୁ ମାରୁଛି....

ନଥିଲେ ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ମିଳିମିଳା ହେବାର ଆଶଙ୍କା ରହିଛି । ଏହିସବୁ ଦୃଷ୍ଟିରୁ ସଂକ୍ରମଣ ବ୍ୟାପିଥିବା ରାଜ୍ୟ ଗୁଡ଼ିକରେ ୯ ମାସରୁ ୫ ବର୍ଷର ଶିଶୁଙ୍କୁ ମିଜିଲ୍ସ ଆଣ୍ଡ୍ ରୁବେଲା କଣ୍ଟେନିଂ ଭ୍ୟାକ୍ସିନ ବା ଏମ୍ଆର୍ସିଭି ଟିକାର ଗୋଟିଏ ଲେଖାଏଁ ଅତିରିକ୍ତ ଡୋଜ୍ ଦେବାକୁ ପରାମର୍ଶ ଦେଇଛି କେନ୍ଦ୍ର । କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଦେଖାଦେଇଛି ମିଳିମିଳା ଆତଙ୍କ । ଗତବର୍ଷ ୨୦ଟି ଦେଶରେ ମିଳିମିଳା ପ୍ରକୋପ ଦେଖା ଦେଇଥିବା ବେଳେ, ୯୦ ଲକ୍ଷ ସଂକ୍ରମିତ ହୋଇଥିଲେ, ୧ ଲକ୍ଷ ୨୮ ହଜାର ଜୀବନ ଯାଇଥିଲା । ହୁ'ର ତାଜା ସୂଚନା ଅନୁସାରେ, ଗତବର୍ଷ ୪ କୋଟି ଶିଶୁ ସମ୍ପୂର୍ଣ୍ଣ ମିଳିମିଳା ଟିକାରୁ ବଞ୍ଚିତ ହୋଇଛନ୍ତି ଛ ଅଢ଼େଇ କୋଟି ପ୍ରଥମ ଡୋଜ୍ ନେଇନଥିବା ବେଳେ, ପ୍ରାୟ ଦେଢ଼ କୋଟି ଶିଶୁ ଦ୍ୱିତୀୟ ଡୋଜ୍ ନେଇପାରିନାହାନ୍ତି । କରୋନା ମୁକାବିଲାରେ ସାରା ବିଶ୍ୱ ବ୍ୟସ୍ତ ଥିବା ବେଳେ, କେବଳ ମିଳିମିଳା ନୁହେଁ, ପିଲାଙ୍କୁ ବହୁ ମାରାତ୍ମକ ରୋଗର ଟିକାକରଣରେ ଅବହେଳା ହୋଇଥିବା ସେତେବେଳେ ସତର୍କ କରାଇଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଆଉ ଏବେ ଏହାକୁ ସଂଗଠନ ପକ୍ଷରୁ କରୋନା ମହାମାରୀ ଜନିତ ଆସନ୍ନ ବିଶ୍ୱସ୍ତରୀୟ ବିପଦ ବୋଲି ଚେତାଇଛି ।

### ପଦ୍ମପୁର ଉପନିର୍ବାଚନ...


ଗୃହରେ ଅନୁପସ୍ଥିତ ବିଧାୟକଙ୍କ ତାଲିକାରେ କେବଳ ବିଜେଡି ଦଳର ବିଧାୟକ ଅଛନ୍ତି ତାହା ନୁହେଁ, ବିଜେପିର ୨୨ ବିଧାୟକଙ୍କ ମଧ୍ୟରୁ ବିଧାନସଭାରେ ଆଜି ଉପସ୍ଥିତ ଥିଲେ ମାତ୍ର ୧୦ ଜଣ । ଏସବୁ ଭିତରେ ରେକର୍ଡ ପରେ ରେକର୍ଡ କରୁଥିବା ବିଜେଡି ସରକାର, ଆଉ ଏକ ଅଲୋଡ଼ା ରେକର୍ଡ ସ୍ଥାପନ କରିଛି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସ୍ଥାନରେ ପଂଚାୟତି ରାଜ ମନ୍ତ୍ରୀ ପ୍ରଦୀପ ଅମାତ ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ । ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଏକାଧିକ ଥର ପଦ୍ମପୁର ପ୍ରଚାରରେ ଦେଖିବାକୁ ମିଳିଥିବା ବେଳେ ବିଧାନସଭାରେ ଖୋଜା ପଡୁଛି । ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ ।

THE AADHAR ODISHA
ଆଧାର ଓଡ଼ିଶା

# ହ୍ରଦ ନୁହେଁ ମୃତ୍ୟୁର ଠିକଣା









### ହିମାଳୟର ରୂପକୁଣ୍ଡ ହ୍ରଦ

ଉତ୍ତରାଖଣ୍ଡର ରୂପକୁଣ୍ଡ ହ୍ରଦ କଙ୍କାଳ ହ୍ରଦ ନାମରେ ପ୍ରସିଦ୍ଧ । ଏହା ଏକ ବରଫପୂର୍ଣ୍ଣ ହ୍ରଦ ଅଟେ । ପ୍ରତି ବର୍ଷ ଯେତେବେଳେ ଏହି କଙ୍କାଳ ହ୍ରଦ ନିକଟରେ ବରଫ ତରଳିଥାଏ ସେତେବେଳେ ସେଠାରେ ଶହ ଶହ ଖପୁରୀ ଦେଖାଯାଇଥାଏ । ହିମାଳୟରେ ପାଖାପାଖି ୫୦୨୯ମିଟର ଉଚ୍ଚତାରେ ଥିବା ଏହି କଙ୍କାଳ ହ୍ରଦର କୂଳରେ ପାଞ୍ଚଶହରୁ ବି ଅଧିକ ଖପୁରୀ ଦେଖିବାକୁ ମିଳେ । ରୂପକୁଣ୍ଡକୁ ରହସ୍ୟମୟ ହ୍ରଦ ଭାବେ ଜଣାଯାଏ । ହ୍ରଦ ଚାରିପାଖରେ ଗ୍ଲାସିୟର ଏବଂ ବରଫାବୃତ ପାହାଡ଼ ରହିଛି । ପ୍ରତି ବର୍ଷ ଅନେକ ଶ୍ରଦ୍ଧାଳୁ ଏଠାକୁ ଆସିଥାଆନ୍ତି । ରୂପକୁଣ୍ଡରେ ପ୍ରତି ୧୨ ବର୍ଷରେ ଥରେ ହେଉଥିବା ନନ୍ଦା ଦେବୀଙ୍କ ଯାତ୍ରାରେ ଭାଗ ନେବା ପାଇଁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଆସିଥାଆନ୍ତି । ଏହି ସମୟରେ ନନ୍ଦାଦେବୀଙ୍କୁ ପୂଜା କରାଯାଇଥାଏ । ଏହି ହ୍ରଦରେ ଏତେ କଙ୍କାଳ କେଉଁଠି ଆସିଲା ତାହା ଲୋକଙ୍କ ମନରେ କୌତୁହଳ ସୃଷ୍ଟି କରେ । ୧୯୪୨ ମସିହାରେ ବ୍ରିଟିଶ ଆର୍ମି ଏହି ହ୍ରଦରେ ୨୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ । ୧୯୪୨ ମସିହାରେ ନନ୍ଦାଦେବୀ ରିଜର୍ଭ ରେଞ୍ଜର ହରି କିଶନ ମାଧ୍ୱାଲ ଏହି ନରକଙ୍କାଳ ଆବିଷ୍କାର କରିଥିଲେ । ନରକଙ୍କାଳ ସହ ସେଠାରୁ କିଛି ଚମଡା ଚପଲ, ଲୁହା ବର୍ଚ୍ଛା ଓ କାଠ ମଧ୍ୟ ଉଦ୍ଧାର ହୋଇଥିଲା । ନରକଙ୍କାଳକୁ ଅନେକ କାଳ୍ପନିକ ଓ ପୌରାଣିକ କିମ୍ବଦନ୍ତୀ ରହିଛ । ସେମାନଙ୍କ ମୃତ୍ୟୁ ରହସ୍ୟମୟ ଥିଲା । ସେବେଠାରୁ ଏହି ହ୍ରଦରେ ପହଁରିବା ନିଷିଦ୍ଧ କରାଯାଇଛି ।

**ଲୋକକଥା :** ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କନୌଜର ରାଜା ଜସ୍‌ୱାଲ ଓ ତାଙ୍କ ପତ୍ନୀ ବାଲାମ୍ପା ସେମାନଙ୍କ ସେବକଙ୍କ ସହ ନନ୍ଦାଦେବୀ ତୀର୍ଥ କରିବାକୁ ଯାଇଥିଲେ । ସେହି ସମୟରେ ଅତ୍ୟଧିକ ତୁଷାରାପାତ ଯୋଗୁଁ ସେଠାରେ ସେମାନଙ୍କ ମୃତ୍ୟୁ ଘଟିଥିଲା । କିଛି ଇତିହାସକାରମାନଙ୍କ ଅନୁଯାୟୀ ୧୮୪୧ ସମିହାରେ କାଶ୍ମିରର ଜେନେରାଲ ଜୋରାବର ସିଂ ଓ ତାଙ୍କ ସୈନ୍ୟମାନେ ତିବ୍ବତ ଯୁଦ୍ଧରୁ ଫେରୁଥିଲେ । ତେବେ ସେହି ସମୟରେ ଅତ୍ୟଧିକ ତୁଷାରପାତ ଯୋଗୁଁ କିମ୍ବା କିଛି ସଂକ୍ରମକ ରୋଗ ଯୋଗୁଁ ସେମାନେ ପ୍ରାଣ ହରାଇଥିଲେ ।

**ପୌରାଣିକ କିମ୍ବଦନ୍ତୀ:** ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ମହାଦେବ ଶିବ ଏବଂ ପାର୍ବତୀ ହିମାଳୟ ଫେରୁଥିଲେ । ତେବେ ସେହି ସମୟରେ ଦେବୀ ମା’ ପାର୍ବତୀଙ୍କୁ ଶୋଷ ଲାଗିବାରୁ ମହାଦେବ ଶିବ ତ୍ରୀଶୁଳ ମାରି ଏହି ରୂପକୁଣ୍ଡ ହ୍ରଦ ତିଆରି କରିଥିଲେ । ଏଥିପାଇଁ ରୂପକୁଣ୍ଡ ଥିବା ପାହାଡ଼କୁ ତ୍ରୀଶୁଳି ପାହାଡ଼ କୁହାଯାଏ । ଏହି ପାହାଡ଼ରେ ମା’ ନନ୍ଦାଦେବୀ ପୂଜା ପାଆନ୍ତି । ପୂର୍ବରୁ ଏହି ନର କଙ୍କାଳଗୁଡ଼ିକ ଗୋଟିଏ ସମୁଦାୟର ହୋଇଥାଏପାରେ ବୋଲି ଚର୍ଚ୍ଚା ହେଉଥିଲା । ତେବେ ୨୦୧୮ ମସିହାରେ ଏକ ରିପୋର୍ଟ ମୁତବକ ଏହି କଙ୍କାଳଗୁଡ଼ିକ ଦୁଇଟି ଅଲଗା ଅଲଗା ସମୁଦାୟର ବୋଲି ଜଣା ପଡ଼ିଥିଲା । ଏହାସହ ସବୁଠାରୁ ବିସ୍ମୟର କଥା ହେଉଛି ଏହି ସମସ୍ତ ନରକଙ୍କାଳର ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଏହି ନରକଙ୍କାଳ ନବମ ଶତାବ୍ଦୀର ହୋଇଥାଇପାରେ ବୋଲି ଆକଳନ କରାଯାଉଛି । ଆଜି ବି ଏହି କଙ୍କାଳକୁ ନେଇ ବିଭିନ୍ନ ଗବେଷଣା ଚାଲିଛି । ଏହି କଙ୍କାଳ କେଉଁ ସମୁଦାୟର ରୂପକୁଣ୍ଡ ନିକଟକୁ କେମିତି ଆସିଲା ସେନେଇ ଆଜିଯାଏଁ କୌଣସି ଠୋସ୍ ପ୍ରମାଣ ମିଳିନାହିଁ ।

**ଦୁନିଆରେ ଏପରି ଅନେକ ସ୍ଥାନ ରହିଛି, ଯାହା ଯେତିକି ମନଲୋଭା ସେତିକି ବିପଦସଙ୍କୁଳ ମଧ୍ୟ । ଏହିସବୁ ସ୍ଥାନରେ ଟିକିଏ ଭୁଲ୍ ଆପଣ କିମ୍ବା ଆପଣଙ୍କ ପ୍ରିୟଜନଙ୍କ ମୃତ୍ୟୁର କାରଣ ହୋଇପାରେ । ଏଠାକୁ ଯିବା ମୃତ୍ୟୁକୁ ଆଲିଙ୍ଗନ କରିବା ସଙ୍ଗେ ସମାନ ବୋଲି କୁହାଯାଏ । ଦୁନିଆରେ ଏପରି ଅନେକ ବିପଜ୍ଜନକ ହ୍ରଦ ଅଛି, ଯାହାର ରହସ୍ୟ ଆଜି ପର୍ଯ୍ୟନ୍ତ ଜଣାପଡ଼ିନାହିଁ । ତେବେ ଜାଣନ୍ତୁ ଏଭଳି କିଛି ବିପଦସଙ୍କୁଳ ହ୍ରଦ ସମ୍ପର୍କରେ ।**

### ବିସ୍ଫୋରକ ହ୍ରଦ କିଭୁ

ଆଫ୍ରିକାର କଙ୍ଗୋରେ ଥିବା କିଭୁ ହ୍ରଦ ଦୁନିଆର ସବୁଠାରୁ ବିପଦପୂର୍ଣ୍ଣ ହ୍ରଦ ମଧ୍ୟରୁ ଅନ୍ୟତମ । ଏହାକୁ ‘ବିସ୍ଫୋରକ ହ୍ରଦ’ ମଧ୍ୟ କୁହାଯାଏ । ବାସ୍ତବରେ ଏହାର ଜଳରେ କାର୍ବନ ଡାଇଅକ୍ସାଇଡ୍ ଏବଂ ମିଥେନ ଗ୍ୟାସ୍ ଥାଏ । କୁହାଯାଏ ଯେ ଯଦି ଏହି ହ୍ରଦ ନିକଟରେ ସାମାନ୍ୟ ଭୂକମ୍ପ ହୁଏ, ତେବେ ହ୍ରଦରେ ଏକ ବଡ଼ ବିସ୍ଫୋରଣ ହେବ ।

### ନେଟ୍ରନ୍ ହ୍ରଦ

ସେହିଭଳି ବିପଜ୍ଜନକ ହ୍ରଦ ଉତ୍ତର ତାଞ୍ଜାନିଆରେ ଅଛି, ଯାହାକୁ ନେଟ୍ରନ୍ ହ୍ରଦ କୁହାଯାଏ । ବିଶ୍ୱାସ କରାଯାଏ ଯେ ଏହି ହ୍ରଦର ଜଳକୁ ଛୁଇଁଲେ ତାହା ପଥରରେ ପରିଣତ ହୁଏ । ଏହି ହ୍ରଦ ଚାରିପାଖରେ ପଥର ପ୍ରାଣୀ ଏବଂ ପକ୍ଷୀମାନଙ୍କର ମୂର୍ତ୍ତି ପଡ଼ିଛି, ଯାହା ହ୍ରଦକୁ ଯାଦୁକର ବୋଲି ସତ୍ୟ କରିଥାଏ । ନେଟ୍ରନ୍ ହ୍ରଦର ଦୂର ପାର୍ଶ୍ୱରେ କୌଣସି ଜନବସତି ନାହିଁ । ବାସ୍ତବରେ, ଏସବୁ ପଛରେ ଏକ ବୈଜ୍ଞାନିକ କାରଣ ଅଛି । ନେଟ୍ରନ୍ ହେଉଛି ଏକ କ୍ଷାରୀୟ ହ୍ରଦ, ଯେଉଁଠାରେ ପାଣିରେ ସୋଡିୟମ୍ କାର୍ବୋନାଟ୍ ପରିମାଣ ବହୁତ ଅଧିକ । କ୍ଷାରର ପରିମାଣ ଏବଂ ପାଣିରେ ଆମୋନିଆର ପରିମାଣ ସମାନ । ଇଜିପ୍ଟର ଲୋକମାନେ ମମିର ସୁରକ୍ଷା ପାଇଁ ଏହା କରୁଥିଲେ । ପକ୍ଷୀମାନଙ୍କର ଶବ ଏଠାରେ ବର୍ଷ ବର୍ଷ ଧରି ସଂରକ୍ଷିତ ହୋଇ ରହିଥାଏ ।

### ହ୍ରଦ ମିଚିଗାନ୍

ଆମେରିକାର ବୃହତ୍ତମ ହ୍ରଦ ମଧ୍ୟରୁ ‘ହ୍ରଦ ମିଚିଗାନ୍’ ଯେତିକି ବିପଜ୍ଜନକ ସେତିକି ସୁନ୍ଦର । କୁହାଯାଏ ଯେ ଏହି ହ୍ରଦ ନିକଟରେ ଘାତକ ଗ୍ୟାସର ମେଘ ଥିଲା, ଯେଉଁ କାରଣରୁ ସେଠାରେ ଉପସ୍ଥିତ ଥିବା ସମସ୍ତ ପ୍ରାଣୀଙ୍କର ମୃତ୍ୟୁ ଘଟିଥିଲା । ବୈଜ୍ଞାନିକମାନେ ବିଶ୍ୱାସ କରୁଥିଲେ ଯେ ହ୍ରଦ ତଳେ ଏକ ଆଗ୍ନେୟଗିରି ଅଛି, ଯେଉଁଥିପାଇଁ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ ପାଣିରେ ମିଶ୍ରିତ ହୋଇଥାଇପାରେ ଏବଂ ଗ୍ୟାସ ସ୍ତର ବୃଦ୍ଧି ଯୋଗୁଁ ଏହା ଏକ ମେଘରେ ପରିଣତ ହୋଇଯାଇଥିବେ ।

### ଫୁଟନ୍ତା ହ୍ରଦ ଡୋମିନିକା

ଏହି ହ୍ରଦର ତାପମାତ୍ରା ୯୨ ଡିଗ୍ରୀ ସେଲସିୟସ ରହିଥାଏ । ଏହା ପାଖରେ ଆଗ୍ନେୟଗିରି ରହିଥିବାରୁ ଏହି ହ୍ରଦ ସବୁବେଳେ ଉତ୍ତପ୍ତ ରହିଥାଏ । ତେଣୁ ଏଠାକୁ ଯିବା ସମୟରେ ସତର୍କ ରହିବା ନିହାତି ଜରୁରୀ ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ